# ଅଦ୍ଭୁତ ପରିଣାମ

# ଅଦ୍ଭୁତ ପରିଣାମ ।

( ଗଳ୍ପ । )

ଶ୍ରୀ ମୃତ୍ୟୁଞ୍ଜୟ ରଥଙ୍କ ଦ୍ୱାରା

ପ୍ରଣୀତ

ଏବଂ

ପ୍ରକାଶିତ ।

ପ୍ରଥମ ସଂସ୍କରଣ ।

Printed by V. Kar.

The Utkal Sahitya Press,

[illegible].

1915.

ମୂଲ୍ୟ ଚାରି ଅଣା ।

Digitized by srujanika@gmail.com

# ଉତ୍ସର୍ଗ ।

ଉତ୍କଳର

ଉପନ୍ୟାସ-ବିଧାତା

ବ୍ୟାସ ଶ୍ରୀ ଫକୀରମୋହନ ସେନାପତିଙ୍କ

ଶ୍ରୀକରକମଳରେ ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି

ଆନ୍ତରିକ ଭକ୍ତିର ନିଦର୍ଶନସ୍ୱରୂପ

ଅର୍ପିତ ହେଲା ।

Digitized by srujanika@gmail.com

# ଭୂମିକା ।

ମୂଳରୁ ମୁଁ ଉପନ୍ୟାସପ୍ରିୟ ନୁହେଁ । କେବେ ହେଲେ ଗୋଟିଏ ଗଳ୍ପ ସୁଦ୍ଧା ଲେଖି ନାହିଁ । କିଛିକାଳ ପୂର୍ବେ ଗୋଟିଏ ସତ୍ୟ ଘଟନାରେ ଉତ୍ତେଜିତ ହୋଇ ହଠାତ୍ ଏହି ଗଳ୍ପଟି ହସ୍ତାଭ୍ୟାସ-ସ୍ୱରୂପ ଲେଖିଥିଲି । ଏହା ରେଭେନ୍ସା କଲେଜିଏଟ ସ୍କୁଲର ଛାତ୍ରମାନଙ୍କ ହସ୍ତଲିଖିତ 'ଛାତ୍ରବନ୍ଧୁ' ନାମକ ମାସିକପତ୍ରିକାରେ କ୍ରମଶଃ ବାହାରିଥିଲା । ଏହା ଯେ ପୁସ୍ତକାକାରରେ ପ୍ରକାଶିତ ହେବ, ଏହା ମୁଁ କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନାହିଁ । ଉକ୍ତ ପତ୍ରିକାର ପାଠକ କେତେଜଣ ଛାତ୍ରଙ୍କ ନିର୍ବନ୍ଧାତିଶଯ୍ୟ ଏବଂ ଉଦ୍‌ଯୋଗରେ ଏହା ବର୍ତ୍ତମାନ ମୁଦ୍ରିତ ହେଲା । ତେଣୁ ମୋହର ଦାୟିତ୍ୱ ଅଂଶତଃ ବିଭକ୍ତ ହୋଇଯିବାରୁ ମୁଁ ପାଠକ-ସମାଜ ସମକ୍ଷରେ ନାମ ପ୍ରକାଶ କରିବାକୁ ସାହସୀ ହେଲି । ବିଜ୍ଞ ପାଠକମାନଙ୍କଠାରୁ କ୍ଷମା ନ ପାଇବାଯାଏ ମୋହ ମନରେ ଶାନ୍ତି ନାହିଁ । ଛାତ୍ରମାନେ ଏହାର ପ୍ରକାଶରେ ଆଗ୍ରହୀ ହୋଇଅଛନ୍ତି । ସେହିମାନଙ୍କର ଯଦି ଏହା ପଢ଼ି କିଛି ଶିକ୍ଷା ହୁଏ, ତାହାହେଲେ ମୋହର ଶ୍ରମ ପଣ୍ଡ ହେବ ନାହିଁ ବୋଲି ବିଶ୍ୱାସ ।

୧୩ । ୪ । ୧୯୧୫ ।
କଟକ ।

ଗ୍ରନ୍ଥକାର ।

Digitized by srujanika@gmail.com

# ଅଦ୍ଭୁତ ପରିଣାମ ।

## ପ୍ରଥମ ପରିଚ୍ଛେଦ ।

### ବାଲୁବଜାର ଛକ—ପାଦ୍ରି ସାହେବ ।

ଆଜକୁ ଅନ୍ଦାଜ ପଚାଶ ବର୍ଷ ତଳର କଥା—ଦିନେ ବେଳ ବୁଡ଼ିବାକୁ ଘଡ଼ିଏ ଖଣ୍ଡେ ଅଛି, ଛକଟାରେ ଭାରି ଗହଳ ପଡ଼ିଛି । ମଣ୍ଡଳାକାରରେ କେତେଗୁଡ଼ାଏ ଲୋକ ପାପୁଆ କେଳାକୁ ଘେରିଥିଲା ପରି ଠିଆ ହୋଇଛନ୍ତି । ଜଣକେତେ ମଧ୍ୟ ବସି ପଡ଼ିଛନ୍ତି—କେହି କେହି ବା ଦୋକାନ ପଟାରେ ଅଣ୍ଟାଭର ଦେଇ ରହି ଯାଇଛନ୍ତି । ଥୋକାଏ ଦୋକାନରେ ସଉଦାକିଣା ଛାଡ଼ି ଏକଆଖିଆ ହୋଇ କଣ ଦେଖୁଛନ୍ତି । ମଝି ମଝି ଅଶ୍ୱ-ଶକଟର ଘର୍ଘରଶବ୍ଦ ସଙ୍ଗେ ସାରଥିର ହେଇଓ—ହେଇଓ—ବିକଟ ଚିତ୍କାର ଶୁଣି ସେ ଦଳରୁ ଜଣକେତେ ଏଣେତେଣେ

Digitized by srujanika@gmail.com

ପୃଷ୍ଠଭଙ୍ଗ ଦେଉଛନ୍ତି । ବେଳେ ବେଳେ କାହାକୁ ମଧ୍ୟ ଧକ୍କା ଉପହାର ଦେଇ ପେଲି ଦେବାକୁ ଦ୍ୱେଉଅଛନ୍ତି । ଏହି ଭିତରେ ଗୋଟିଏ ଦଓଟି କୁକୁର ମଧ୍ୟ ଆସି ଉଚ୍ଚସ୍ୱରରେ ଖାବରପର ବକ୍ତୃତା କରି ପ୍ରହାର ପୁରସ୍କାର ସହ ଚାଲି ଯାଉଅଛନ୍ତି । ଅଧିକାଂଶ ଲୋକଗୁଡ଼ାକ କଳାମୁଣ୍ଡିଆ; ଅଶିକ୍ଷିତ—ଅଧା-ପାଚୁଆ—ଅତି ମଫସଲିଆ । ମଝିରେ ଗୋଟିଏ ଧଳାପୋଷାକ ଦେହ ଧୂଳିମିଶା ମଳୀମସ ପୋଷାକଗୁଡ଼ାକ ମଧ୍ୟରେ 'ବକ ମଧ୍ୟେ ହଂସ ପ୍ରାୟ' ଦିଶୁଅଛି । ଖଣ୍ଡେ ଖଣ୍ଡେ କମିଜ ଗଳାଇ ଦୁଇ ଚାରି ଚସମାଧାରୀ ମଧ୍ୟ ସେହିଠାରେ ଉପହାସବ୍ୟଞ୍ଜକ ସ୍ମିତ ମୁଖଟା ମହିଷବତ୍ ଉପରକୁ ଟେକି ଟିକିଏ ଏଣେ ଆଡ଼କୁ ଟିକିଏ ପୁଣି ବନ୍ଧୁ ଆଡ଼କୁ ଚାହିଁ ସ୍ମିତବକାଶରେ କେତେ କଣ ସଙ୍କେତ କରୁଅଛନ୍ତି । ପାଖକୁ ଆସି ଦେଖାଗଲା, ଖଡଶିଳର ଗୋଟିଏ ଢଳୁଶିଳା ପରି—ଅଥବା ଶଙ୍ଖମଲମଲ ପଥରର ଗୋଟିଏ ଉଗ୍ର-ମୂର୍ତ୍ତି ପରି ଜଣେ ଗୌରାଙ୍ଗ ବା ଧବଳାଙ୍ଗ ପୁରୁଷ ଦଣ୍ଡାୟମାନ । ଧବଳପୋଷାକ ଉପରେ କୃଷ୍ଣାବଲମ୍ବି ଶ୍ମଶ୍ରୁ ବଡ଼ ମାନୁଛି । କବିଙ୍କ ଭାଷାରେ କୈଳାସଶୃଙ୍ଗରେ ଖଣ୍ଡେ କଳାମେଘ ଲାଗି ଯାଇଥିଲା ପରି ଦିଶୁଅଛି । ସାହେବ ଧୀର ଗମ୍ଭୀରଭାବରେ ଉଭା—ଉଭୟ ପାର୍ଶ୍ୱରେ ଦୁଇ ଜଣ କୃଷ୍ଣାଙ୍ଗ ଏକ ରେଖାରେ ଦଣ୍ଡାୟମାନ । ନାସିକା ତଳେ ପଟାଏ ପଟାଏ ଛଟା ନିଶ—ପାଦରେ ଯୋଡ଼ାଏ ଚକଚକା ଜାନବସ ଯୋତା । କଟିଦେଶରେ ଖଣ୍ଡେ ଖଣ୍ଡେ ବାଇଶି ଶ ଏକାଶୀ ନମ୍ବରର ଗୋଷ୍ଟମାର୍କା ଧୋତି ଘେର ଖାଇଛି । ଦେହରେ ଜଣକର କାଲରଲଗା ଖଣ୍ଡିଏ କମିଜ

Digitized by srujanika@gmail.com

—ଆଉ ଜଣକର ମାଟିଆ ରଙ୍ଗର ଦଫାଦାର୍ସି କୋଟ । ଉନଙ୍କ ହାତରେ ଉନ ଖଣ୍ଡି ବହି ମେଲା ହୋଇ ରହିଅଛି ଏବଂ ସେଥିରୁ ବକ୍ତୃତାର ପୂର୍ବରଙ୍ଗସ୍ୱରୂପ ଭକ୍ତିସଙ୍ଗୀତ ବୋଲା ଯାଉଅଛି । ସାହେବଙ୍କର କଣ୍ଠକଣ୍ଠାସ୍ଥିତ ଗୀତସ୍ୱରକୁ ଯେ ଦୁଇ-ଜଣ ଯାକ ପାଲରେ ପାଳିଆ ଗାୟକର ସ୍ୱରକୁ ଛଡ଼ାଇ ନେଲା ପର ସଙ୍ଗେ ସଙ୍ଗେ ସାହେବଙ୍କ ସୁର୍ଣ୍ଣକୁ ଛଡ଼ାଇ ନେଇ ସମ-ସ୍ୱରରେ ଗାଉଅଛନ୍ତି । ଅମ୍ଭେମାନେ ଗଲାବେଳକୁ ଗୀତ ପ୍ରାପ୍ତ ସର ଅସିଥିଲା । ଭାଗ୍ୟକୁ ଯେଉଁ ପଦକ ଶୁଣାଗଲା, ତାହା ଶେଷ ପଦ, କ (ଘୋଷା) ଧ୍ରୁବପଦ, କହି ପାରୁଁ ନାହିଁ—ତେବେ ସାହେବ ତାଙ୍କର କପିଳ-ଡୋଳା ଯୋଡ଼କ ଉପରକୁ ଶୋଷି-ଦେଇ ଭାବନାସ୍ତିମିତନେତ୍ରରେ ଏତିକି ଗାଉଥିଲେ— ଶୁଣିଅଛୁଁ ।

ସେ ଯିଶୁ ପ୍ରାଣପତି ତଅନ୍ତି ଶାନ୍ତି
ଟାଙ୍କୁ ସମର୍ପ ଦେହପ୍ରାଣ କାନ୍ତି ।

ଏହି ପଦକ ପରେ ଘୋଷା—

ନାହିଁ ନାହିଁ ଅନ୍ୟ ଗତି
ମନ କର ଯିଶୁଖ୍ରୀଷ୍ଟଙ୍କର ସଙ୍ଗେ ପ୍ରୀତି ।

ପାଳିଆ ଦୁହେଁ ଏହାକୁ ଅନ୍ୟପ୍ରକାରେ ଅର୍ଥାତ୍ ସ୍ୱାଭାବିକ ସ୍ୱରରେ ବୋଲିସାରିଲା ପରେ ସାହେବ ବହି ମୁଦିଦେଇ ପାଖ-ବାଲାଙ୍କ ଧ୍ୟାନକୁ ବଢ଼ାଇଦେଇ ବକ୍ତୃତା ଆରମ୍ଭ କଲେ— "ଭାଇମାନେ, ଅମ୍ଭେ ସାତ୍ ସମୁଦ୍ର ପାର ହୋଇ ଅସିଅଛୁ ।

Digitized by srujanika@gmail.com

ତୁମମାନଙ୍କ ନିମନ୍ତେ—ଯେ ଲୋକ ପାପୀ ଅଛନ୍ତି, ତାଙ୍କୁ ପରିତ୍ରାଣର ବାଟ କହିଦେବାକୁ, ପ୍ରଭୁ ଯୀଶୁଖ୍ରୀଷ୍ଟ ପାପିମାନଙ୍କ ପରିତ୍ରାଣ ନିମନ୍ତେ ଏ ଜଗତକୁ ଅବତାର ହୋଇ ଆସିଥିଲେ । ସମସ୍ତଙ୍କୁ ଉଦ୍ଧାର କରି ସେ ସ୍ୱର୍ଗକୁ ଯାଇଛନ୍ତି । ସେ ଯାହା ପରିତ୍ରାଣର ବାଟ କହିଛନ୍ତି—ତାହା ମୁଁ ମାନେ କହୁଅଛୁ—ତୁମେ ମନ ଦେଇ ଶୁଣ ।

( ହଠାତ୍ ଗୋଳମାଳ ଭିତରୁ ପ୍ରଶ୍ନ ଉଠିଲା, ପ୍ରଭୁ ଯିଶୁ କିଏ ? ) ଆମ୍ଭେ ଯାହା କହୁଛୁ ଆଗେ ଶୁଣ—ଗୋଲମାଲ କର ନାହିଁ । (ପୁନର୍ବାର ସେହି ପ୍ରଶ୍ନ) ଶୁଣ୍ କହୁଛୁ—ପ୍ରଭୁ ଯୀଶୁ କିଏ ? ତେବେ ଆମ୍ଭେ ଯାହା କହୁଛୁ ଶୁଣ । ପ୍ରଭୁ ଯୀଶୁ ଈଶ୍ୱରଙ୍କର ପୁତ୍ର, ପାପିମାନଙ୍କୁ ପରିତ୍ରାଣ କରିବାପାଇଁ ଏ ଜଗତକୁ ଆସିଥିଲେ । ( ଜଣେ ସ୍କୁଲ ପିଲା ସେ ବକ୍ତୃତାଟି ମନ ଦେଇ ଶୁଣୁଥିଲା, ସେ ଏହିଠାରେ ହଠାତ୍ ପଚାରିଲା) "ଅଚ୍ଛା, ତାଙ୍କର କଣ ମାତା ଅଛନ୍ତି ?"

ସାହେବ—ହଁ, ଅଛନ୍ତି—ତାଙ୍କ ନାମ ମେରୀ ।

ପିଲା—ଅଚ୍ଛା, ଆପଣ ତ ସେ ଦିନ ବକ୍ତୃତାରେ କହିଥିଲେ, ଈଶ୍ୱରଙ୍କର ରୂପ ନାହିଁ, କି ତାହାଙ୍କୁ କେହି ଦେଖି ନାହିଁ । ତାଙ୍କର ପୁଣି ମେରୀଙ୍କ ଗର୍ଭରୁ କିପରି ପୁତ୍ର ଜାତ ହେଲା ? ଅଚ୍ଛା, ଆଉ ଗୋଟିଏ କଥା—ସେ ଯେବେ ଈଶ୍ୱରଙ୍କର ପୁତ୍ର, ଆମ୍ଭର ଶ୍ରୀକୃଷ୍ଣ ତ ସ୍ୱୟଂ ଈଶ୍ୱର ଥିଲେ ।

Digitized by srujanika@gmail.com

ସା—ନା, ତା ହୋଇ ପାରଇ ନାହିଁ । ସେ ଜଣେ ସାମାନ୍ୟ ଲୋକ ଥିଲେ । ତାଙ୍କର ଚରିତ୍ର ମଧ୍ୟ ଭଲ ନ ଥିଲା । ସେ ମନୁଷ୍ୟ, ଦେବତା କେବେ ନୁହନ୍ତି !

(ହଠାତ୍ ଜଣେ ବାହାରପଡ଼ ଉଚ୍ଚସ୍ୱରରେ କହିଲା, କାଣ, ଆମ୍ଭ ଜଗନ୍ନାଥେ ଈଶ୍ୱର ନୁହନ୍ତି ? )

ସା—ଗୋଲମାଲ କର ନାହିଁ । ଶୁଣ, ଜଗନ୍ନାଥଙ୍କୁ ତୁମେ ହିନ୍ଦୁମାନେ ପୂଜା କରନ୍ତି । ସେ ଏ ଦେଶର ନାଥ ହେବେ—ସେ ଭାରତର ନାଥ, ଜଗତର ନାଥ କେବେ ନୁହନ୍ତି । ଆଉ ସେ ଦେବତା ନହନ୍ତି—ସେ କାଠ—

ପି—ତେବେ ଈଶ୍ୱର କିଏ, ଆଉ ସେ କେଉଁଠି ଥାନ୍ତି ?

ସା—ଈଶ୍ୱର ସମସ୍ତଙ୍କର ପିତା—ସବୁଙ୍କୁ ଖାଇବାକୁ ପିନ୍ଧିବାକୁ କାର୍ଯ୍ୟ କରିବାକୁ ବୁଦ୍ଧି ଦେଉଛନ୍ତି, ସେ ସ୍ୱର୍ଗରେ ଥାନ୍ତି । ପାପିମାନେ ତାଙ୍କୁ ଦେଖି ପାରନ୍ତି ନାହିଁ । ମନୁଷ୍ୟ ପରିତ୍ରାଣ ପାଇଲେ ସେଠାକୁ ଯାଇ ଦେଖି ପାରିବେ ।

ପି—ଅଚ୍ଛା, ଆପଣ ଈଶ୍ୱରଙ୍କୁ ଦେଖିଛନ୍ତି ?

ସା—( କ୍ଷଣେ ଚିନ୍ତା ଅଭିନୟରେ ) ହଁ, ଆମ୍ଭେ ଦେଖିଛୁଁ । ( ପିଲାର ଆଗ୍ରହ ଦେଖି ) ତୁମେ ଆମ୍ଭ କୋଠିକୁ ଗଲେ ସବୁ ବତାଇ ଦେବୁଁ । ଭଜନ ନେଲେ ସବୁ ଆପେ ଜାଣି ପାରିବ । ଆମ୍ଭ କୋଠିକୁ ଗଲେ ଆମ୍ଭର ସ୍ତ୍ରୀ,

Digitized by srujanika@gmail.com

ନେଯା ଅଛନ୍ତି—ସେମାନେ ତୁମ୍ଭଙ୍କ ଅନ୍ନର ଭାଗ ବସାଇବେ, ଖାଇବାକୁ ମଧ୍ୟ ଦେବେ ।

ପି—ସାହେବ, ଆମେ ତ ଆପଣଙ୍କ ହାତରେ ଖାଇବୁଁ ନାହିଁ, ଆମ ଜାତି ଯିବ ।

ସା—ସେଠିରେ କି ଦୋଷ ଅଛି ? ସେମାନେ ସଫା କରି- ଦେବେ । (ଉତ୍ତରରେ—'ନା') ଅଚ୍ଛା, ତେବେ ତୁମ୍ଭ ଜାତିର ଏକ ଲୋକ ଆମ୍ଭ ପାଖରେ ଅଛି, ସେ ସବୁ ସଫା କରଇ, ତା ହାତରେ ଖାଇବ ।

ପି—ନା—ନା, ସେ ଛୁଇଁଲେ ଆମେ ଖାଇବୁଁ ନାହିଁ ।

ସା—ଅଚ୍ଛା—ସେ ଛୁଇଁବ ନାହିଁ ।

ପି—ସେ ଅତି ହୀନ ଜାତି—ସେ ଚଣ୍ଡାଳ । ଆମ୍ଭେମାନେ ତା ହାତରେ କେବେ ଖାଇବୁଁ ନାହିଁ ।

ସାହେବ ଏ ଜାତିର ରହସ୍ୟ ବୁଝି ନ ପାରି କ୍ଷଣକାଳ ଅବାକ୍ ହୋଇ ନିର୍ବାକ ନିସ୍ପନ୍ଦ ହ୍ରଦ ପରି ରହିଗଲେ । ଏଣେ ଅନ୍ଧକାର ହୋଇଯିବାରୁ ଲୋକେ ମହାକୋଳାହଳ କରି ଯେ ଯାହା ସ୍ଥାନକୁ ପଳାଇବାକୁ ଲାଗିଲେ । କ୍ରମେ କ୍ରମେ ସେ ସ୍ଥାନ ନିର୍ମକ୍ଷିକ ହୋଇଗଲା । ପିଲାଟି ପ୍ରତି ସାହେବଙ୍କର ଘନ ଘନ ସ୍ନେହଦୃଷ୍ଟି ପଡ଼ୁଥିବାର ଦେଖି—ବାହୁଡ଼ିବାବେଳେ ଜଣେ କୃଷ୍ଣାଙ୍ଗ ସାହେବଙ୍କ ତୁଷ୍ଟିସାଧନ ଲାଗି ତାହା କାନରେ କଣ ଗୁଡ଼ାଏ ଗୁଣୁ ଗୁଣୁ କରି କହିଦେଲେ । ଆମ୍ଭେମାନେ ଅତି କଷ୍ଟରେ—ଚେଷ୍ଟା କରି ଶୁଣିପାରିଲୁଁ—"କୋଠିକୁ ଗଲେ ବେଶ ମାମା

Digitized by srujanika@gmail.com

ବଡ଼ ପ୍ରେମ କରନ୍ତେ । ତାଙ୍କ ପରି କାହାରି ଦୟା ନାହିଁ । ଲୋକ
କ ଅଭାବ ହେଲେ ସେ ସବୁ ବିଷୟରେ ସହାୟତା କରନ୍ତି ।"
କଥାଟାରୁ ଅନୁମାନରେ ଜଣାଗଲା, ସେ ସାହେବଙ୍କର ନାମ
ବୋଧହୁଏ ରେଭରଣ୍ଡ ବେନ୍ (Rev: Bain) ହେବ ।

## ଦ୍ୱିତୀୟ ପରିଚ୍ଛେଦ ।

### ଶୀତଳପୁର ଗ୍ରାମ ।

ଦୟା ନଦୀ କୂଳରେ ଖୋରଧା ଅଞ୍ଚଳରେ ଶୀତଳପୁର ବୋଲି ଗୋଟିଏ ମଧ୍ୟବିତ୍ତ ଗାଁ ଅଛି । ଏ ଗାଁଟାରେ ଲଗାଏତ ଘର ନାହିଁ । ସବୁ ବୁଦବୁଦକା, ଆଗେ ବନ୍ଧ ମୂଳକୁ ଗୋଟାଏ ଧୋବା ଘର । ଗାଁ ପରିମଳ ଏଥିଅଡ଼ୁ ଆଗେ ଜଣାପଡ଼େ । ଖଣ୍ଡେ ଦୂରରେ ଗୋଟାଏ ଦର୍ଓଟା କେଉଟ ଘର ଅଛି । ସବୁବେଳେ ଚୂଡ଼ା ଭଜା ପଡ଼ୁଅଛି । ଢେଙ୍କିର କେଙ୍କାର ଶବ୍ଦରେ ବନ ବାଟୋଇଙ୍କ କାନ ବହିରା ପଡ଼ିଯାଏ । ସବୁ ଜାତି ଭିତରେ ଏ ଜାତିଟା ବଡ଼ କାମିକା । ଗୋଟାଏ ଦର୍ଓଟା ଗର୍ଦ୍ଦନାମା ପିଣ୍ଡାରେ ବସି ଜାଲ ମରାମତ ବା ନୂଆ ଜାଲ ବୁଣାରେ ଲୁଟିକାଠ

Digitized by srujanika@gmail.com

କରୁଛନ୍ତି । ବାଟରେ ଚାଲିଗଲେ ମଧ୍ୟ ତାଙ୍କର ଏହି କାମ—ରାତିରେ ମାଛକୁ ବାହାରିଲେ ତ ଯ୍ୟାଙ୍କର ସାରାରାତି ଶୋଇବାକୁ ଆଶା ନାହିଁ, କି ଶୀତ ବରଷାକୁ ପରୁଆ ନାହିଁ କି, ଜନ୍ତୁଜନ୍ତା ଭୂତ ପ୍ରେତଙ୍କୁ ଡ଼ର ନାହିଁ । ଏଣେ ପୁଣି ରାତି ପହରରେ ଥାଇଁ ବେହେରାଣୀ ଚେଟାଳ ହୋଇ ଭୂଡ଼ା ପାହାର ପକାଏ । ଯ୍ୟାଙ୍କ ଦେହକୁ ଟିକିଏ ଅଳସ ଛୁଇଁ ନାହିଁ । ଏମାନେ ପରା ଜାହାଜ ବେପାରୀ ଥିଲେ—ଆଗେ କେଉଁଠି ଏଠୁ ଜାଗାରୁ ପଞ୍ଚାଏ ଦୂରକୁ ଯାଇ ଗୋଟାଏ ମୂଲକ ଦଖଲ କରି ପକାଇଥିଲେ । ଏବେ ସେ ସବୁ କୁଆଡେ ଲିଭିଗଲାଣି—ତେବେ ବେଳେ କେଉଟ କେବେ ମାଗି ଖାଇବାର ଦେଖାଯାଏ ନାହିଁ । ଏବେ ମାଛ ଶୁଖୁଆ ବେପାରରେ କି ଭୁଜାଭଜା କାରବାରରେ କେଉଟୁଣୀର ଦଉଡ଼ କମ ନୁହେଁ । ତେଣୁ କେଉଟ ସାହିଟା ଆଖିରେ ପଡ଼ି କେତେ ଆଶା ଉତ୍ସାହର କଥା ମନକୁ ଆସେ । ଅଳ୍ପ ଛଡ଼ାରେ ଗୋଟିଏ ଗଉଡ ଘର । ଘର ଦ୍ୱାର ପାଖରେ ବନ୍ଧ ଉପରେ ବେହେରାଣୀ ବସି କେତେବେଳେ ଘଣ୍ଟି ପାରୁଥାଏ । ବେଳେ ବେଳେ ଦୁଧ ଠେକିଟାଏ ବା ଦହି ହାଣ୍ଡିଟାଏ ଘେନି ଗାଁ ଭିତରେ ବୁଲି ଥାଏ । କେବେ ମଧ୍ୟ ବାଡ଼ି ଖଣ୍ଡିଏ ଧରି ବେହେରାକୁ ଖାଲପ କରିବାପାଇଁ ଗୋଠକୁ ଯାଏ । ବେହେରା ସବୁବେଳେ ପ୍ରାୟ ଚରା ବୁଲରେ ଥିବାରୁ ଘରେ ବେହେରାଣୀ ମାଲିକ । ଦହି ଦୁଧ ଘିଅର ପଇସାପତ୍ର ସବୁ ତାହାରି ହାତପେଠ ହୁଏ । ପୁଣ୍ୟ ପର୍ବ କି ନିମନ୍ତ୍ରଣ ପଡ଼ିଲେ ସମସ୍ତେ ଦନେ ଦି'ଦନ ଆଗରୁ ବେହେରାଣୀ ପିଛ ଧରନ୍ତି । ରାଣୀଙ୍କୁ ନ ପଚାରି ବେହେରା ଏ କେଉଁଠି ଜବାବ ଦେବାକୁ ଭରସି ପାରନ୍ତି ନାହିଁ ।

Digitized by srujanika@gmail.com

ଏ ଗାଁଟାରେ ଚଷା ଘର ବହୁତ । ଗାଁ ସେମୁଣ୍ଡରେ ଗୋଟିଏ ପତିତପାବନ ମନ୍ଦିର । ସନ୍ଧବେଳଟା ଲାଗିଲେ ଏଠାରେ ଗାଁବାଲାଙ୍କର ବୈଠକ ହୁଏ । ଗାଁର ନ୍ୟାୟ ନିଶାପ ପଡ଼େ । ନିତ ଅଧ୍ୟାଏ ଭାଗବତ ବୋଲାଯାଏ, ଆଉ ଟିକିଏ ଟିକିଏ ଚରଣ-ତୁଳସୀ ମିଳେ । ଏହି ମନ୍ଦିର ଖଣ୍ଡିକ ଗ୍ରାମର ବହୁତ କାମରେ ଆସେ । ଆଜକାଲିକା ସଭ୍ୟ ଜଗତର ଚର୍ଚ୍ଚ କହ—ଟାଉନ୍‌ହଲ୍ କହ—ବା ଟାଉନ୍ ଲାଇବ୍ରେରି କହ, ସବୁ ଏହି ଠାଏକରେ ଅଛି । ଦେଉଳର ସେବା ନିତି ବୁଝିବାପାଇଁ ସରେ ଦି'ଘର ଦେଉଳିଆ ପଣ୍ଡା ବି ଏଠାରେ ଘର ବାନ୍ଧି ପଡ଼ିଛନ୍ତି । ବେଳେ ବେଳେ ପଣ୍ଡାଏ ଧନ୍ଦାରେ ବାହାରଗଲେ ପଣ୍ଡିଆଣୀ ଦିଅଙ୍କ ସେବା ପୂଜା ଚଳାଇ ନିଅନ୍ତି ।

ଚଷା ସାହିର ପଛପଟକୁ ଚାରି ପାଞ୍ଚ ଘର ତନ୍ତୀ ଅଛନ୍ତି । ଏମାନଙ୍କ ଯୋଗେ ବେଳେ ବେଳେ ଲଙ୍କାରେ ହର ଶବ୍ଦ ଶୁଣାଯାଏ । ଜଣାଯାଏ, ତାଙ୍କର ଯୋଗେ ପତିତପାବନଙ୍କ ମନ୍ଦିରଟି ଏ ଗାଁରେ ଅଛି । ମଉଛବ ହେଲେ ଅବା ଗାଁରେ କିଛି ଗୋଳମାଳ ଲାଗିଲେ ଏମାନେ ଖୋଳ ଝାଞ୍ଜ ପିଟି ଖୁବ ନାମ-ସଂକୀର୍ତ୍ତନ କରନ୍ତି । ତାଙ୍କଠୁଁ ଦେଖି ଏବେ ଚଷାଏ ମଧ୍ୟ ଖଞ୍ଜଣିମାଡ଼ି କରି ଭଜନ ଗାଇଲେଣି । ଏ ଦୁଇ ଜାତି ଦୁହଙ୍କ ପାଇଁ ବନ୍ଧା । ଚଷା ଜମି ଚାଷ କରି ଯାହା ହାତପୈଠ କରେ, ସେଥିରେ ତାର ବାଣ୍ଡ ଖରଚ ବେଶ ଚଳେ । ତନ୍ତୁଣୀ ପୁଣି ଦିନ ରାତି ଲାଗି ସୂତା କାଟି ତାହା ତନ୍ତୀ ଘରକୁ ଦିଏ । ତନ୍ତୀ ସେଥିରେ ବର୍ଷକ ଦରକାରମାଫିକେ ଗାମୁଛା, ଖଦି, ଚଦର,

Digitized by srujanika@gmail.com

ମାଠମାନ ବୁଣିଦେଇ ରଖାକୁ ଦେଉଥାଏ । ଅଉ ତାହାଠାରୁ ଧାନ ଅଣି ବରଷକ ଚଳେ । ଏବେ ସେ ବୃଦ୍ଧ ଉଠିଯିବାକୁ ବସିବାକୁ ଦୁଇ କାଖ କରକଦାମ କରି ବଡ଼ ଦୁଃଖରେ ଚଳୁଛନ୍ତି । କେତେ ଜନ୍ମଘର ବ ଛାଡ଼ି ଗଲେଣି ।

ଏହିପରି କରି କେହି ଗାଁରୁ ବେଶି ବାହାରକୁ ଯାନ୍ତି ନାହିଁ । ଗାଁକଥାମାନ ଗାଁରେ ପ୍ରାୟ ଚଳିଯାଏ । କଳିଗୋଳ ହେଲେ ସେହି ଗାଁର ଜଣେ ପୁରୁଣା ମୁଖିଆ ଲୋକ ବସି ରାମାୟଣ ମହାଭାରତର କଥାମାନ ନଜିର ଥୋଇ ଭାଗବତରୁ ପଦେ ଅଧେ ଉପଦେଶ ଦେଇ ସବୁ ନିଷ୍ପତ୍ତି କରିଦିଏ । କିଛି ଡଣ୍ଡ ପଡ଼ିଲେ ଠାକୁରଙ୍କ ଖରଚକୁ ଆସେ । ଠାକୁରଙ୍କ ନାଁରେ ଏଇଟା ହେଲା ଗାଁର କୋଠ ଜମା ।

ବୁଝି ବସିଲେ ଏଗୁଡ଼ାକ ଓକିଲ ମୁକ୍ତିଆରଙ୍କର ବଡ ଶତ୍ରୁ । ସେମାନେ ଯେ ଏତେ ଟଙ୍କା ଉଡ଼ାଇ ଶଗଡ଼େ ଶଗଡ଼େ ବହି ପଢ଼ି ପାସ୍ କଲେ, ଏମାନେ ଏପରି କଲେ ସେମାନେ ଅଉ କଣ କରିବେ ! ସେ ଯାହାହେଉ ହରି ସ୍ୱାଇଁ ଏ ଗାଁ ଭିତରେ ଜଣେ ପୁରୁଣା ମାମଲତକାର । ତାହାର କିଛି ବୃଦ୍ଧ ବାପ ଅଛି । ବରଷକ ଖରଚ ବେଶ ଚଳେ । ଘରେ ବୃଦ୍ଧ ପ୍ରାଣୀ । ପୁଅ ମାଇପଙ୍କୁ ଛାଡ଼ିଦେଲେ ଅଉ ଗୋଟିଏ ବୃଦ୍ଧ କରିଆ ଟୋକା । ଦାଣ୍ଡ ଦୁଆରେ ହ'ବୃହ ଖଣ୍ଡ ପଥର ତା ଉପରକୁ ତା ଉପର ପଡ ଟିକିଏ ଉଚ ପାହାଚ ହୋଇଛି । ଦୁଇ ପାଖରେ ଗୋଟାକେତେ ଭଙ୍ଗା ହରଡ଼ଗା ଲଙ୍ଗଳ ଢେର୍ ହୋଇଛି । ଦାଣ୍ଡ ପଛଟା

Digitized by srujanika@gmail.com

ଗୁହାଳ । ହଡ଼ା ତିନୋଟି ପଘାରେ ବନ୍ଧା । ଦୁଇ ହଳକୁ ଗୋଟାଏ ବଳଦ ଊଣା ହୁଏ ବୋଲି ଦିନେ ଛଡ଼ା ଦିନେ ଗୋଟିଏ ବଦଳି ଆଣି କାମ ଚଳାଇ ନିଏ । ଗୁହାଳର ଗୋଟିଏ ପାଖ କାନ୍ଥକୁ ଲାଗି ଗୋଟିଏ ଉଚ୍ଚ ପିଣ୍ଡି ଅଛି । କେହି ବ୍ରାହ୍ମଣ ବା ବୈଷ୍ଣବ ଆସିଲେ ଏହି ଗୁହାଳ ଘରେ ଚନ୍ଦ୍ରଳ ପୁଞ୍ଜାଏ ଫୁଟାଇ ଦେଇ ପିଣ୍ଡି ଉପରେ ପଡ଼ିଯାନ୍ତି । ଘର ଭିତରେ ପିଣ୍ଡା ଭିଡ଼ି ସବୁଥିରେ ଗୋଟାକେତେ ଓଳିଆ—ଆଉ କେତେଗୁଡ଼ାଏ ପୁଡ଼ା ଅଛି । କୋଡ଼, କାଙ୍କି, ଶାବଳ, ଦା, କଟୁରି, ବେଢା, ଟୋକେଇ, ନଢ଼ଆ, ଗରା, ଥାଳି, କଂସା ଆଉ ଜଣ-ବେରୁଆଁ, ଶପର ମସିଣା ଆଦି ଘରକରଣା ଜିନିଷପତ୍ର ତ କେତେ ଅଛି । ବାଡ଼ପଟରେ ଗୋଟିଏ ଛୋଟ ପାଳଗଦା । ପଧାନ ଘରଣୀ ଆଉ ଆଉ ପଧାନ ଝିଅଙ୍କ ପରି ଦେଢ଼ ବଣାର ପିତଳ ବାହୁ ଖଡ଼ୁ କି ବଧାଏ ବହଳର ଶାଢ଼ୀ ପିନ୍ଧି ନାହାନ୍ତି । ଏହାଙ୍କର ଅଳଙ୍କାର ଓ ଲୁଗାପିନ୍ଧା ଆଉ ସମସ୍ତଙ୍କଠାରୁ ଟିକିଏ ଛଡ଼ାଯିବ । ଆଉ ଅଧିକ କହି କଣ ହେବ—ତାଙ୍କ ନାକରେ ମୟୂରବସା ଗୁଣା, ଗୋଡ଼ରେ ରୁପାର ପାହୁଡ଼ ରହିଲାଣି । ଦକ୍ଷିଣୀ ସରୁ ଲୁଗ୍ନ ଶାଢ଼ୀ ନାଇ ପହରଣ ହେଉଛି । ଆଗେ କିଛୁ ନ ଥିଲା—ବଡ଼ ଦୁଃଖର ଘର ଥିଲା । ହରି ସ୍ୱାଇଁ ଧାରିଲା ଦିନୁଁ ଏ ସବୁ ସମ୍ପତ୍ତି ମାଡ଼ିଗଲା । ସ୍ୱାଇଁ କିଛୁଦିନ ପିଅଦାଗିରି କରି ବହୁତ ପଇସା ଛାଣି ଆଣିଥିଲେ । ଏକୁଟିଆ ହେବାରୁ ପଛକୁ ଘର ଅଚଳ ହେବାର ଦେଖି ଦୁଇ ବର୍ଷ ହେଲା ଚାକିରି ଛାଡ଼ି ଦେଇ ଘରେ ବସିଛନ୍ତି ।

Digitized by srujanika@gmail.com

ପୁଅ ବୋଲି ଗୋଟିଏ । ବାପ ମାଙ୍କର ବଡ଼ ଗେହ୍ଲା—ବାଛୁ ବାଛୁ ନାଁ ଦେଇଛନ୍ତି 'ମଦନ,' ସାଧୁଭାଷାରେ ମୋହନ । ହରି ସହରରେ ଥିଲାବେଳେ ତାଙ୍କୁ ସଙ୍ଗରେ ରଖି ପଢ଼ାଉଥିଲେ । ଏବେ ତାଙ୍କୁ ସହର ଯାଇଁ ଷୋଳ ସରିଛି । ଏବେ ସେଠାରୁ ଆସି କଟକ ହାଇ ସ୍କୁଲରେ ପଢ଼ୁଛନ୍ତି । ସ୍ୱାମୀ ବିନା ଦରମାରେ ପୁଅର ପଢ଼ିବା ବନ୍ଦୋବସ୍ତ କରି ଦେଇ ଯାଇଛନ୍ତି । ସେ ପୁଅକୁ ଗୋଟିଏ ଚିହ୍ନା ଡେପୁଟୀଙ୍କ କୋଠି ଦେଖାଇ ଦେଇଛନ୍ତି । ବେଳେ ବେଳେ ସେଠାକୁ ଯାଇଁ ଦୁଃଖ ଓଜର କଲେ, ସେ ସବୁ ହାଲ ଶୁଣିବେ । ଯେତେହେଲେ ହରି ଆଉ ଘରେ ଥୟ ହୋଇ ରହି ପାରନ୍ତି ନାହିଁ । ପ୍ରତିଦିନ ମଦନା ମା କାନ୍ଦି କାନ୍ଦି ତାଙ୍କୁ ପୁଅକୁ ଦେଖି ଆସିବାପାଇଁ ତଡ଼ୁଥାଏ । ତେଣୁ ହରି ସାତ ଆଠ ଦିନରେ ଥରେ ଆସି ସବୁ ହାଲ ହକିକତ ବୁଝି ଚାଲିଯାଏ ।

ପ୍ରିୟ ପାଠକେ ! ବେଶି କହିବୁଁ ନାହିଁ । ଅକାରଣେ ପୋଥି ବଢ଼ି ଯିବ । ଏ ପିଲାକୁ ଆପଣମାନେ ଆଗରୁ ଚିହ୍ନିଛନ୍ତି । ଏହି ପିଲାଟି ସେ ଦିନ ପାଦ୍ରି ସାହେବଙ୍କ ସଙ୍ଗରେ ଯୁକ୍ତି ତର୍କ କରୁଥିଲା ।

Digitized by srujanika@gmail.com

## ତୃତୀୟ ପରିଚ୍ଛେଦ ।

### ପାଦ୍ରି ସାହେବଙ୍କ କୋଠି ।

ବାରବାଟୀ କଲ୍ଲା ପଡ଼ିଆରେ ସାହେବଙ୍କର ଗୋଟିଏ ବଡ଼ କୋଠି । ଚତୁଃପାଶରେ ଗୋଟିଏ ଇଟା ପାଚେରି ବୁଲିଅଛି । ଫାଟକ ଡେଇଁଲେ କୋଠି ଆଗ ପଟକୁ ଗୋଟିଏ ମନ୍ତୁଆଡ଼ ବାଡ଼ ଘେରା ଗୋଲ ବଗିଚା ପଡ଼େ । କୋଠି ସମ୍ମୁଖରେ ଅର୍ଥାତ୍ ଦକ୍ଷିଣରେ ଗୋଟିଏ ବଡ଼ ବରଣ୍ଡା ଓ ଗାଡ଼ୀ ରହିବାର ମେଲା ଅଛି । ଯୋଡ଼ିଏ ଦ୍ୱାର—ଦୁଇଟାଯାକରେ ଯୋଡ଼ାଏ ହଂସ-ପକ୍ଷିଆ ଧୋବ ଫରଫର ଜାଲି ପରଦା ଅର୍ଦ୍ଧପତିତ ଅବସ୍ଥାରେ ଅଛି । ଭିତରେ ସେହିପରି ଗୋଟାକେତେ ପରଦା ମଧ୍ୟ ପୂରା ପଡ଼ିଥିବାର ଦିଶୁଥାଏ । ଗୋଟାଏ ଦଓଟା ଦ୍ୱାରରେ ମଧ୍ୟ ବାଇଗଣିଆ ଡାଲିମ୍ବ ଛପା ଛିଟ ପରଦା ଦେଖାଗଲା । ପ୍ରଥମେ ଗୋଟିଏ ମେଲା ଘର ବା ହଲ୍ । ମଝିରେ ଗୋଟାଏ ନେଳୀ ବନାତ ବିଛା ମେଜ ଚତୁଃପାଖରେ କେତେଗୋଟି ଧଳାପୋଷାକ-ପିନ୍ଧା କଳାମଚମଚ ଗୋଲ ଚଉକି ପଡ଼ିଛି । ଚତୁଃପାଖରେ କାନ୍ଥକୁ ଲାଗି ଚତୁଷ୍ଟା ଗଦିଦିଆ ବୈଠକୀ ଆସନ । କାନ୍ଥରେ ଗୋଟାଏ ବଡ଼ ଚୌହଦିଆ ଦର୍ପଣ—ଦ୍ୱାରମୁହଁକୁ କେହି ଆସିଲେ ଘର ଭିତର ଲୋକଙ୍କୁ ହଠାତ୍ ଦେଖାଇ ଦିଏ । ତାହା ଉପରକୁ ଗୋଟିଏ ଲଡ଼ କଳା ଘଡ଼ି ଟଙ୍ଗା ହୋଇ ସବଦା ଟଙ୍ଗ୍

Digitized by srujanika@gmail.com

ଟିକ୍ ଶବ୍ଦ କରୁଅଛି । ତା ପାଖରେ ଇଂରାଜୀ ମାସ, ଦିନ, ବାର ଜଣାଇବାପାଇଁ ଗୋଟାଏ କଳା ମୃଣ୍ମୟ ପରି କଣ ଝିନପଟା ଦେଖାଇ ଦେଇଅଛି ! କଣ ପାଖରେ ଗୋଟିଏ ଦର୍ପଣ ଅଲମାରୀ ବାବଦ ବାଇବେଲ୍ ପୁସ୍ତକ ଓ ଚିଠିକାଗଜରେ ପୂର୍ଣ୍ଣ । ଏହା ଉତ୍ତରକୁ ଯେଉଁ ସାନ ଦାଲଟି ଅଛି, ତାହା ମଝିରେ କୁକୁଡ଼ା ଡିମ୍ବ ପରି ଗୋଟିଏ ଗୋଲ ଅଫିସ୍ ଟେବୁଲ । ଉପରେ ଧୋବ ଫରଫର ଚଦର ବିଛା—ଚାରପାଖରେ ଧୋବ ପୋଷାକପିନ୍ଧା କେତୋଟି ଚୌକି—ଅଳ୍ପ ଛଡ଼ାରେ ଗୋଟିଏ କାଚ ଅଲମାରୀରେ କେତେ କଣ ଘନ ତରଳ ଜିନଷ କାଚପାତ୍ରରେ ରଖା ଅଛି—ବାଟି, ଥାଳିଆ, ଗିଲାସ, ଚାମଚ ଆଦି କେତେ ଖାଦ୍ୟପାତ୍ର ଓ ହାତଧୁଆର ଖଞ୍ଜା ହୋଇ ରଖା ଯାଇଅଛି । ଏଉଟା ଖାନାର ଟେବଲ ହେବ ପରା ! ଏହି ଦୁଇ ହଲର ପଶ୍ଚିମ ପାଖର ଦୁଇଟା ବଖରା ମଧ୍ୟରୁ ସାନ ବଖରାଟି ଗୋସଲଖାନା ବା ସ୍ନାନମଣ୍ଡପ । ବଡ଼ଟି ବାଇବେଲ୍ ତର୍ଜମା ଅଫିସ । ଗୋଟିଏ ମୋଟାନିଶୁଆ କଳା ଲୋକ ସେ ଘରେ ସାହେବଙ୍କ ପାଖରେ ବସି ସକାଳବେଳେ ବାଇବେଲ୍ ତର୍ଜମା କରୁଥାଏ । ସାହେବ ପଦ ପଦ କରି ଧୀରେ ଧୀରେ ଓଡ଼ିଆ ଡାକୁଥାନ୍ତି—ସେ ତାହାକୁ ବେଦବାକ୍ୟ ମଣି ଅବିକଳ ସେହିପରି ଲେଖୁଥାଏ । ଟିକିଏ ଓଲୋମ ବଲୋମ ହେଲେ ଚଳିବ ନାହିଁ । ସାହେବ ଯେଉଁଠି 'ପ୍ରେମ' କହୁଛନ୍ତି, ତୁମେ ସେଠାରେ 'ସ୍ନେହ' କହିଲେ ଚଳିବ କାହିଁ ? ଯେଉଁଠି 'ଦୂରତା' ହେବ—ସେଠାରେ ତୁମେ କହିବ 'ଦୂରତ୍ୱ' ? ସକାଳେ ତର୍ଜମା କାମ ଆରମ୍ଭ

Digitized by srujanika@gmail.com

ନହେବା ପୂର୍ବରୁ ସାହେବ ଉଠି ନିତ୍ୟକର୍ମ ପରେ ଟିକିଏ ଚହା ପାଣି କରିଦେଇ କେବେ କେବେ ବରଣ୍ଡାରେ ସେମ୍ହର କୁକୁର ସଙ୍ଗେ ଖେଳ ଖେଳ ବୁଲୁଥାନ୍ତି—କେବେ ବା ଖବରକାଗଜ ଘେନି ବୈଠକଖାନାରେ ପଢି ବସନ୍ତି । ଦିନେ ଦିନେ ମଧ୍ୟ ବଡ଼ ସକାଳୁ ଉଠି ହାଉଆ ଖାଇବାକୁ ବାହାରିଯାନ୍ତି ।

ପୂର୍ବପାଖର ଦୁଇ ବଖରା ମଧ୍ୟରୁ ସାନଟିରେ ପୋଷାକ ଅଦ ଥାଏ, ବଡ଼ଟି ମେମ୍ ସାହେବଙ୍କର କାରବାର ଘର । ଗୋଟି ଗୋଟି ହୋଇ ସକାଳୁ ସନ୍ଧ୍ୟାଯାଏ ଏଠାକୁ ବହୁତ ଲୋକ ଆସୁଥାନ୍ତି । ଅଧିକାଂଶ ଗରିବ—ଖ୍ରୀଷ୍ଟିଆନ ହେବେ ପରା ! କେହି ପିଲା ଆସି କିଛି ପଇସା ମାଗି ନିଏ—କେହି ପିଲା କାଶେଇ ଆସି ଶିଶିରେ ଟିକିଏ ଔଷଧ ନେଇଯାଏ । କାହାର ପିଲା କାନ୍ଦିଲେ ସାକ୍ଷାତ୍ ଦୟାର ଅବତାର ମେମ ସାହେବଙ୍କଠୁଁ ଗୋଟିଏ ଦିଓଟି ପାଚିଲା କଦଳୀ କେବେ ପିଜୁଳି ବା ଅତ ନେଇ ପିଲାଙ୍କୁ ବୁଝାନ୍ତି । କେହି ବା ଦୁଃଖୀ ଆସି ଆପଣାର ଦୁଃଖ ହାଲ କହି ଉପଯୁକ୍ତ ଉପଦେଶ ପରାମର୍ଶ ପାଇ ଚାଲିଯାଏ । କେତୋଟି ବାଳିକା ଖାତାପତ୍ର ଘେନି ଆସି ନମସ୍କାର କରି ତାଙ୍କ ପାଖରେ ପଢ଼ି ବସନ୍ତି । କେହି କେହି ମଧ୍ୟ ଛୁଞ୍ଚିର କାମ ଶିଖୁଥାନ୍ତି । ଦିନେ ଦିନେ ସାହେବ ସେ ମହଲକୁ ଆସି ଗୋଟିଏ ଗୋଟିଏ ପିଲା ଛାଡ଼ିଦେଇ ଯାନ୍ତି । କୁକୁଡ଼ା ପାଳିଲା ପରି ସେଥିରୁ ବହୁତ-ଗୁଡ଼ିଏ 'ମାମା' ଏହିପରି ପାଳନ୍ତି । ଗଲାବେଳେ କାହା ହାତରେ କଦଳୀ ଖଣ୍ଡେ—ତାଳମିଠାଏ, କାହାକୁ ବା ଚାରୁଟି ଅଧ

Digitized by srujanika@gmail.com

ସ୍ନେହରେ ଦିଆଯାଏ । କିଏ ଯେ କେତେ କିତାବ, କାଗଜ, ପେନ୍‌ସିଲ, କଲମ, ଦୁଆତ, ରୁମାଲ, ଖାନଫଡ଼ା ଧୋତି, କମ୍ବଳ ଓଗେର ପାତ୍ର, ତାହାର ସଂଖ୍ୟା କିଏ ରଖୁଛି ! ବୈଠକଖାନା ପଚ୍ଛଆଡ଼େ ଅର୍ଥାତ୍ ପୂର୍ବପାଖରେ ଗୋଟାଏ ବଡ଼ ପୋଖରୀ । ସେ ଥର ଗୋଟାଏ ପାଖରେ ଦୁଇ ଜଣ ପଠାଣ ଯୁବା ଠିଆ ଠିଆ ବନଶୀ ପକାଇ ମଧ୍ୟେ ମଧ୍ୟେ ହଠାତ୍ ଗୋଟିଏ ଗୋଟିଏ ଧଳା ଫରଫର ଜୀବ ପୋଖରୀ ଭିତରୁ ଟାଣି ଆଣୁଛନ୍ତି । ମେମ୍ ସାହେବଙ୍କର ଅନେକ ସମୟରେ ସେହି ପୋଖରୀ ଉପରେ ଆଖି ଥାଏ । ବେଳେ ବେଳେ ମାଛ ମନ୍ଦ ଖେଳାଉଥିବାର ଦେଖିଲେ, ବୋଧହୁଏ ଭାବୁଥାନ୍ତି, ପ୍ରଭୁ କେବେ ଏହିପରି କାମ ମୋତେ ଦେବେ । ଗୋଟାଏ ସାନ୍ତାଳ ଟୋକା ମେମ୍ ସାହେବଙ୍କର ଧରମପୁଅ । ସେ ଭାଇ ମାଛ ଧରି ପାରେ, ଆଉ ଗାଈ ଦୁହିଁ ପାରେ । ପ୍ରତିଦିନ ମେମ୍ ସାହେବ ନିଜେ ତାର ଖାଇବାର ତତ୍ତ୍ୱ ନିଅନ୍ତି । ଏହିପରି ଲେଖରେ କେତେ ପୁଅ ଝିଅ ତାଙ୍କ ପାଖରେ ବଢ଼ା ଅଛନ୍ତି । ଆଉ ସେ ସବୁ ବେଶି କହିଲେ ପାଠକମାନେ ବିରକ୍ତ ହେବେ । ଦିନେ ମେଘ ଅନ୍ଧାର—ଝିପି ଝିପି ବରଷା ହେଉଅଛି—ବେଳ ଅନ୍ଦାଜ ସନ୍ଧରେ ହେବ । ପିଲାଟିଏ ଫାଟକ ପାଖରୁ ଆସି ଶଙ୍କି ଶଙ୍କି ଠିଆ ହେଲା । ଭିତରକୁ ଯିବାକୁ ମନ ଥିଲେ ପୁଣି ବରଣ୍ଡାରେ ସାହେବ ଏବଂ ତାଙ୍କ କୁକୁରକୁ ଦେଖି ପଶିବାକୁ ଭରସି ପାରିଲା ନାହିଁ । ସାହେବ ବରଣ୍ଡାରେ ଥାଇ ଦୂରରୁ ତାହା ଉପରେ ଧୀର ପ୍ରଶାନ୍ତ ଦୃଷ୍ଟି ଚାଲିବାକୁ ଲାଗିଲେ । ସେ ଥର ଯୁବା ଏପରି ଦୃଷ୍ଟି

Digitized by srujanika@gmail.com

ପଡ଼ିଲେ ଲୋକ ବିଶ୍ୱାସ କରି ପାଖକୁ ଚାଲିଯିବ । ପିଲାଟି ସହରରେ ରହି ବୁଦ୍ଧିଆର ହୋଇ ଗଲାଣି । ମନେ ମନେ ଯୁକ୍ତି ଧରି ଧୀର ବନୀତଭାବରେ ଯାଇ ସାତ ହାତ ଦୂରରୁ ଗୋଟିଏ ନୀରବ ସଲାମ କଲା । ସାହେବ ଏତେବେଳେ ଶିକାର ଟୋପ ଗିଳିଛି ଦେଖି ଆଗରୁ ଖୁସି ହୋଇ ପଡ଼ିଥିଲେ । ପାଖକୁ ଗଲା-କ୍ଷଣି ହଠାତ୍ ଚିହ୍ନିପାରିଲା ପରି ପାଖକୁ ଆସି ପିଲାର ସଲାମ ହାତଟାକୁ ଆଉ ହାତରେ ଲଗାଇ ଦେଇ କହିଲେ, ସଲାମ କାହିଁକି—ନମସ୍କାର କହ 'ନମସ୍କାର' । ବେଶି କଥାବାର୍ତ୍ତାକୁ ଆଉ ବେଳ ନାହିଁ । ଚାହୁଁ ଚାହୁଁ ଠନ୍ ଠନ୍ ହୋଇ ଗିର୍ଜା ଘଣ୍ଟା ବାଜିଲା । ସାହେବ ବାଇବେଲ ଅନୁବାଦ କରିବାଲାଗି ପୂର୍ବୋକ୍ତ ପ୍ରକୋଷ୍ଠକୁ ଚାଲିଗଲେ । ଗଲାବେଳେ ମେମ୍ ସାହେବଙ୍କୁ ବୈଠକଖାନାରେ କଣ ଦି ପଦ କହିଦେଇ ପିଲାଟିକୁ ଛାଡ଼ିଦେଇ ଗଲେ । ବାଳକ ଏଥର ମାମାଙ୍କୁ ନମସ୍କାର କହିବାରୁ ସେ ଆନନ୍ଦରେ ନମସ୍କାର—ନମସ୍କାର କହି ପାଖରେ ଗୋଟିଏ ବେଞ୍ଚରେ ବସିବାକୁ କହିଲେ । ପିଲାଟି ମେମଙ୍କୁ ଦେଖି ମନେ ମନେ ଅଳ୍ପ ହସିଲା—ଦେଖିଲା ଯେ, ଉଚ୍ଚତାରେ ସାହେବଙ୍କଠାରୁ କିଛି ଊଣା ହେଲେହେଁ ସ୍ଥୂଳତାରେ ଢେର ବେଶି । ମୁଣ୍ଡରେ କଳା ଧଳା ବାଳର ଗୋଟିଏ ବର୍ତ୍ତୁଳ ଗ୍ରନ୍ଥିଳ କବରୀ—ଦେହରେ ଗୋଟିଏ କଳା ଛିଟର ଫାଶଦିଆ କୁର୍ତ୍ତା ପୋଷାକ—କଟିଦେଶରେ ବନ୍ଧା ହୋଇଥିବାରୁ ପାଲବାଲର ଦେଉ ପରି ଛଳକୁ ଝୁଲି ଖାସା ମାନୁଅଛି । ଡାକବାଲାର ଥଳୀ ପରି ଗୋଟାଏ କାଳିଆ ଥଳୀ ଭିମ ସଇତାରେ ଅଣ୍ଟା ତଳକୁ

Digitized by srujanika@gmail.com

ସ୍କୁଲ୍‌ଅଛି । କେହି ଗରିବ ପିଲା ଆସିଲେ ସେଥିରେ ମଧ୍ୟେ ମଧ୍ୟେ ହାତ ପଡ଼େ । ଆମ୍ଭର ଏ ବାଳକଟିର ରୂପ ସେତେ ଭଲ ନ ଥିଲେ କଣ ହେଲା—ଦେହର ବର୍ଣ୍ଣଟା ଗୋରା--ଗଠନଟି ଖାସା ସରଳ ସୁନ୍ଦର । ସେ ସବୁ ପଢ଼ିଲାବେଳକୁ ଦୁଇଗୋଟି ବାଳକା କଣ ଶିଲଟରେ ଲେଖୁଥିଲେ । ସମସ୍ତେ କଣଆଖିରେ ଟିକିଏ କେହି ନ ଜାଣି ଚାହିଁନେଲେ । ଗୋଟିଏ କନ୍ୟା ଥରେ ଦି ଥର ଚାହିଁଦେଇ ଶେଷକୁ ଶିଲଟଫଳ ଉପରେ ଚବୁକ ରଖିଦେଇ ଥକ୍କା ହୋଇଗଲା । ସେଥିରୁ ମୁହଁ ଉଠାଇବା ଆଗରୁ ସେଥିରେ ବାଳକର ଆଖି ପଡ଼ିଗଲା—ତାର ଚକ୍ଷୁ ମଳିନ ହୋଇଗଲା । ମନୁଷ୍ୟକୁ ଏହି ତାରଚକ୍ଷୁ ରୋଗ ଧରିଲେ ପଛକୁ ବଡ଼ ଦାଗ ପକାଏ । ପାଠକମାନେ ବୁଝି ପାରୁଥିବେ ଯେ, ବାଳିକାଗୁଡ଼ିକ ଅବଶ୍ୟ ପାଞ୍ଚବର୍ଷୀୟା ନୁହନ୍ତି--କାହାକୁ ଦଶ, କାହାକୁ ଏଗାର, କାହାକୁ ବା ବାର । ମାମା ଅଭ୍ୟାଗତ ବାଳକଟିକୁ ବଡ଼ ଆଦର ଗୌରବ କରି ଘର କଥା, କଟକ କଥା ସବୁ ପଚାରିଗଲେ—ସବୁ ବୁଝି ଶେଷରେ ଆଶା ଦେଇ କହିଲେ, "ତୁମ୍ଭର କାଗଜ କଲମ ବହି ଆଦି ଯେତେବେଳେ ଯାହା ଦରକାର ହେଉଥିବ, ସେତେବେଳେ ମୋ ପାଖକୁ ଆସୁଥିବ, ମୁଁ ସବୁ ଦେବ, କିଛି ଚିନ୍ତା କରିବ ନାହିଁ । ସାହେବ ତୁମ୍ଭଙ୍କୁ ଖୁବ୍ ଭଲ ଚାହାନ୍ତି ।" ଏତିକିରେ ପିଲାଟି ସେଦିନ ଗୋଟିଏ ଡାଲିମ୍ବ ଉପହାର ପାଇ ଆପଣା ସ୍ଥାନକୁ ମୁହାଁ କଲା । ମେମ ସାହେବ ମଝି ସରୁଯାଏ ଉଠି ଆସିଲେ । ପିଲାଟି ଶଙ୍କରେ ଆଖି ପକାଇ

Digitized by srujanika@gmail.com

ଦେଖିଲା ଯେ, ଗୋଟିଏ ବାଳକ ତାହାକୁ ଏକଦୃଷ୍ଟିରେ ଚାହିଁଥିଲା, ହଠାତ୍ ଆଖି ପିଛୁଡ଼ ଗଲା ।

## ଚତୁର୍ଥ ପରିଚ୍ଛେଦ ।

### କଟକ ପିକନ ପାର୍କ ।

ଏ ପଡ଼ା ଖଣ୍ଡିକରେ ଖ୍ରୀଷ୍ଟାନ—ପଠାଣ—ତେଲଙ୍ଗା ଆଦି ନାନା ଜାତିଙ୍କର ବାସ । ଗୋଟିଏ କଚ୍ଚା ରାସ୍ତା ବାମାଙ୍କ ପଡ଼ିକ ତାହା ମଧ୍ୟରେ କୁମ୍ଭଚଗଡ଼ରେ ଯାଇଅଛି । ମଧ୍ୟରେ ଏହି ରାସ୍ତା ଉପରୁ ଉତ୍ତରକୁ ଗୋଟିଏ ଗଳି ବାଟ ଫିଟିଅଛି, ଏହି ଗଳି ମୁଣ୍ଡରେ ଗୋଟିଏ ମହୁଡ଼ମରା ଖୋଲ ଘର । ଘରଆଗେ ବାଉଁ ବେଢ଼ା ଅଛି । ପଛପଟରେ ଗୋଟିଏ ସାନ ପୋଖରୀ—ଜଳ ଉପରେ ଗୋଟିଏ ସୁନ୍ଦର କଳମ୍ବ-ଆବରଣ । ଜଣେ କୃଷ୍ଣକାୟ ଯୁବା କଣପଟରେ ବନଶୀଟାଏ ଧରି ଏକତାନରେ ଉଣ୍ଡୁ । ଦକ୍ଷିଣ ହସ୍ତରେ କାମିଜ ଝଣ୍ଡି ଭିତରେ ମୋଡହୋଇ କହୁଣୀ-ଯାଏ ଯାଇଅଛି—ଆଉ ହାତରେ କୁରୁବନ୍ଧୁଲା କାନ ପଡ଼ିଆଲେ ଝୁଲୁଛି । ଯୁବକର ଜଳ ଉପରେ ସ୍ଥିର ଦୃଷ୍ଟି । ପାରୀ ଝପାଉ

Digitized by srujanika@gmail.com

ସେତେବେଳେ ତୁଚ୍ଛ—ଯୋଗୀର ବ୍ରହ୍ମପଦଲାଭରେ ଏତେ ଏକାଗ୍ରତା ଥାଏ କି ନାହିଁ ସନ୍ଦେହ । ବରଂ ଯୋଗୀର ବ୍ରହ୍ମାନନ୍ଦ ଅପେକ୍ଷା ବେଳେ ବେଳେ ଯେତେହେ ସେ ଅଧିକ ଆନନ୍ଦ ପାଏ ! ରମଣୀର ପୂଏକଙ୍କନ ସଙ୍ଗେ ସଙ୍ଗେ ଯୁବକର ହୃଦୟରେ ଅପୂର୍ବ ପୁଲକ ଜନ୍ମେ—ତାହା ପରେ ପରେ ଗୋଟାଏ ଜ୍ୟୋତିର୍ମୟ ବସ୍ତୁ ଦେଖି ସେ ସର୍ବାଙ୍ଗରେ ଯେଉଁ ପୁଲକ ଅନୁଭବ କରେ, ତାହା ଋଷିପ୍ରାଣରେ ଅନୁଭୂତ ହୋଇଥିବ କି ନାହିଁ ସନ୍ଦେହ । ଦାସୀଟିଏ ଆସି (ଫେର ପୋଷାକରୁ ତେଲଙ୍ଗାଣୀ ପରି ଦିଶୁଥିଲା) ଧୀରେ ଶଙ୍କିତଭାବରେ ସେହି କଲମ୍ବ-ମଣ୍ଡଳ ପାଖକୁ ଆସି ପକ୍ୱଶାଳ ତ୍ରାମ୍ବୁ ଅନତ ଉତ୍ତମାଙ୍ଗରେ ଜଳ ଦେଲା । ଏରେ ଯୁବକ ମୁହିଁକୁ ଦୃଷ୍ଟି,ଥରେ କଲମ୍ବ ତାଙ୍କ ପଦରେ ମୁଷ୍ଟି ପକାଇ ସ୍ୱ କାର୍ଯ୍ୟ ସାଧନ କରି ଚାଲିଗଲା । ସଂସାରରେ କେତେ ଜଣ ଏହିପରି ବ୍ରହ୍ମପଦରେ ଦୃଷ୍ଟି ଏବଂ ସଂସାରକର୍ମରେ ହସ୍ତ ଦେଇ ନୀରବରେ ସେବକ-ଭାବରେ କାର୍ଯ୍ୟ ସାଧନ କରି ଯାଆନ୍ତି ! ଘର ସବୁଆଡ଼େ ଦେଖା-ଗଲା, କେତେଟା ଯୁବତୀ କୁକୁଡ଼ା ସାନ ସାନ ଛୁଇ ଭଉଣୀଙ୍କି ସଉଡ଼ାଇ କକ୍ କକ୍ ରଡ଼ି ଛାଡ଼ି ଦଉଡ଼ୁଛନ୍ତି । ପାର୍ଶ୍ୱଦେଶରେ ଦେଖାଗଲା, ଗୃହିଣୀ ଫାଳଟା ଉପରେ ଆପଣା ଲୁଗାରେ କମର କଷିଦେଇ ବୀରାଙ୍ଗନାର ବେଶ ଧାରଣ କରିଅଛନ୍ତି ଏବଂ ଗୋଟାଏ ଅଣ୍ଡାଶାଳିନୀ କୁକୁଡ଼ାକୁ ମାଡ଼ି ବସି ତାହା ନିଷ୍କାଶନରେ ତତ୍ପର ଅଛନ୍ତି । ଏକଆଡ଼େ ବଚେଷ୍ଟମାନା କୁକ୍କୁଟୀର ସଦନକ୍ଷପ୍ରହାର ସହ ଆର୍ତ୍ତନାଦ—ଅପରପାର୍ଶ୍ୱରେ ଗୃହିଣୀ-ଆନନ୍ଦବର୍ଦ୍ଧନ ଶୁଭ୍ର ସୁଢ଼ଳ ଡିମ୍ବାବଳୀର ପତନ । ଘର ସମ୍ମୁଖରେ ଗୋଟିଏ

Digitized by srujanika@gmail.com

ବାଉଁଶର ଧାରଣା—ତାହା ଉପରେ କେତେଟା କୁରୁତା କାମିଜ—ଜ୍ୟାକେଟ—ଶେମିଜ୍—ଚେଷ୍ଟି—ପାଇଜାମା ଇତ୍ୟାଦି ନୂଆ ପୁରୁଣା ପୋଷାକ ଖରା ଦିଆ ହୋଇଅଛି । ସୂର୍ଯ୍ୟଦେବଙ୍କ ଶୋଷଣୀ ଶକ୍ତି ସେଥିରୁ ପୂତିମଳ ଶୋଷଣ କରି ନେଉଅଛି । ସୂର୍ଯ୍ୟ ନ ଥିଲେ ଏ ସମସ୍ତର ଅବସ୍ଥା କଣ ହୁଅନ୍ତା ! ସଂସାରଟା ଯାକ ତ ଦୂଷିତ ମଳ-ଜଳ-ପଙ୍କ-କଳଙ୍କ ଲେପି ହୋଇ ରହି-ଅଛି । ସେ ସମସ୍ତ ଧ୍ୱଂସ-ଭସ୍ମ କରିଦେବାପାଇଁ ଏକ ମହାଅଗ୍ନି-କୁଣ୍ଡ ବଣିହିତ ଅର୍ଥେ ଶୂନ୍ୟରେ ଜଳୁଅଛି । ତାହା ଆଗରେ ଯାହା ପଡିବ, ତାହା ଶୁଦ୍ଧ ହୋଇଯିବ । ଅତଏବ ହେ ପାପୀ ତାପୀ—ପଙ୍କୀ—କଳଙ୍କୀ, ତୁମ୍ଭେମାନେ ସମସ୍ତେ ସେହି ଜ୍ୟୋତିର୍ମୟଙ୍କ ଅଙ୍କକୁ ଅଗ୍ରସର ହୁଅ—ଯଦି ଶୁଦ୍ଧ ପୂତ ହେବ । ଓହୋ ! ଏ ଉଦ୍ଭଟ ମନଟା କାହିଁରୁ କେଣିକି ଝାଙ୍କି ନେଉଛି । ପାଠକେ, ପ୍ରସଙ୍ଗବ୍ୟତିକ୍ରମ ଦୋଷଟା କ୍ଷମା କରୁ-ଥିବେ ।

ସେହି ବସ୍ତ୍ରାବଳୀର ଅନ୍ତରାଳରେ ସମ୍ମୁଖ ଗବାକ୍ଷ ସ୍ଥଳରେ ଗୋଟିଏ ଚଉକିପିଡ଼ି ପ୍ରତିମା ଦେଖାଗଲା । ପ୍ରକୋଷ୍ଠଟି ନିର୍ଜନ, ବୋଧହୁଏ ବାଳିକା ଉପରେ ଉକ୍ତ ପୋଷାକଗୁଡିକରେ ଅଖି ରଖିବା ଭାର ଅଛି । ପୋଷାକ ଉପରେ ବାଳିକାର ସ୍ଥିର ନୟନ ଦୃଷ୍ଟି ପଡିଅଛି ସତ, ମାତ୍ର ମନ ଥିଲା ପରି ବୋଧ ହେଉ ନାହିଁ । ତେଣୁ ସେ ଅଖି ଆଗରେ ପଡୁଥିବା ଲୋକଙ୍କୁ ଦେଖି ସୁଦ୍ଧା ଦେଖୁ ନାହିଁ—ପାଖରେ କିଏ କଣ କହୁଯାଉଛି, ଶୁଣି ସୁଦ୍ଧା ଶୁଣି ପାରୁ ନାହିଁ । ମନର ଯୋଗ ନ ଥିଲେ କୌଣସି ଇନ୍ଦ୍ରିୟ

Digitized by srujanika@gmail.com

କାର୍ଯ୍ୟ କରି ପାରେ କି ? କ୍ଷଣକୁକ୍ଷଣ ଦୀର୍ଘନିଶ୍ୱାସ ପକାଇ ବାଳିକା କେତେବେଳେ କରତଳନ୍ୟସ୍ତକପୋଳା, କେତେବେଳେ ଅଧଃକୃତନୟନଯୁଗଳା, କ୍ଷଣେ ଭାବନାସ୍ତିମିତନୟନା, କ୍ଷଣେ ପ୍ରସ୍ତ୍ରକୋଷ୍ଠାଙ୍କନପରାୟଣା, କ୍ଷଣେ ଧୀରା, କ୍ଷଣେ ଗମ୍ଭୀରା । କାହିଁକି ଏପରି ବାହ୍ୟଜ୍ଞାନଶୂନ୍ୟା ? ପାଠକେ ! ପୂର୍ବେ ଏହାଙ୍କୁ କେବେ ଦେଖିଅଛନ୍ତି କି ? ମେମ୍ ସାହେବଙ୍କ ପାଖରେ ଯେଉଁ କେତୋଟି ବାଳିକାଙ୍କୁ ସେଦିନ ଦେଖିଥିଲେ, ସେଥି ମଧ୍ୟରୁ ଏ ଜଣେ ହେବ ! ସରଳା ବାଳିକାର କୋମଳ ମନର ଘନ ଘନ ଏ କି ପରିବର୍ତ୍ତନ ! ଏହାର ହୃଦୟକେଦାରରେ ଅମୋଘ ପ୍ରେମବୀଜ ରୋପିତ ହୋଇଅଛି କି ? ପ୍ରେମ ବିନା ଆଉ କିଏ ମାନବହୃଦୟରେ ଏପରି ବିକାର ଆଣି ପାରେ ? ଝଡ଼ୀ ବିନା ଆଉ କିଏ ଧୀର ସାଗର ଗର୍ଭକୁ ଉତ୍ତୁଙ୍ଗତରଙ୍ଗଭଙ୍ଗରେ ବିକ୍ଷୋଭିତ କରି ପାରେ ? ଦାବାଗ୍ନି ଭିନ୍ନ ଆଉ କିଏ ସମଗ୍ର ବିପିନରେ ଘୋର ଅଶାନ୍ତି ଜନ୍ମାଇ ପାରେ ? ବଜ୍ର ଛଡ଼ା ଆଉ କେହି ପର୍ବତ ବିଦାରଣ କରି ପାରିବ କି ? ଜ୍ୱର ବିନା ଆଉ କାହିଁରେ ସର୍ବାଙ୍ଗରେ ତାପ ଉପୁଜିବ କି ? ଥାଉ, ସେ କଥାରୁ ଆମ୍ଭଙ୍କୁ କଣ ମିଳିବ ? ଦେଖୁ ଦେଖୁ ଗୃହକର୍ତ୍ତ୍ରୀ ସେ ପ୍ରକୋଷ୍ଠକୁ ଆସି ଅନ୍ୟମନସ୍କା କନ୍ୟାକୁ 'ଲିଲି' ବୋଲି ଗୋଟିଏ ଡାକ ଦେଲେ । ପରେ ଜଣାଗଲା, ବାଳିକାର ପୂରା ନାମ 'ଲୀଲାବତୀ' । ଓଳିତଳେ ପଡ଼ିଥିବା ଖଣ୍ଡିଏ ଚିଠିର ଲଫାଫା ବା ଖାମକୁ ଦେଖି ବୁଝି ପାରିଲୁଁ ଯେ, ଏ ଘରର ମାଲିକ ରେଭରେଣ୍ଡ ଫିଲିପଚନ୍ଦ୍ର ରାଉତ । ଫିଲିପ ବାବୁ ଜଣେ ଖ୍ରୀଷ୍ଟ-

Digitized by srujanika@gmail.com

ଧର୍ମ ପ୍ରଚାରକ । ସୁତରାଂ ଭୂମିବୃତ୍ତି କିଛି ନ ଥିଲେହେଁ ମିଶନରି ବୃତ୍ତିରୁ କଷ୍ଟକରେ କଥଞ୍ଚିତ୍ କୁଟୁମ୍ବ ପୋଷଣ କରନ୍ତି । ଏପ୍ରକାର ବୃତ୍ତି ଅନେକଙ୍କୁ ଆଜଯାଏ ପୋଷଣ କରି ଆସୁଅଛି । ଖ୍ରୀଷ୍ଟାନ-ଧର୍ମରେ ଦୀକ୍ଷିତ ହେଲେ ଏ ଗୋଟାଏ ବଡ଼ ସୁବିଧା ! ଏପରି ଲୋଭନୀୟ ବସ୍ତୁର ମାୟା କିଏ ଏ ସଂସାରରେ ସହଜରେ ଏଡ଼ି ପାରେ ? ଛାଡ଼ ସେ କଥା—ବର୍ତ୍ତମାନ ‘ପ୍ରକୃତମନୁସରାମଃ’ ।

## ପଞ୍ଚମ ପରିଚ୍ଛେଦ ।

### କାଠଯୋଡ଼ୀବକ୍ଷ—ସନ୍ଧ୍ୟା ।

ମୋହନ ଆଜି ବଡ଼ ଚିନ୍ତାମଗ୍ନ । ଥରେ ଊର୍ଦ୍ଧ୍ୱମୁଖ, ଥରେ ଅଧୋମୁଖ । କେବେ ପଶ୍ଚିମର ଶୈଳପ୍ରାଚୀର ଉପରେ ଦୃଷ୍ଟି—କେବେ ଦୂରପ୍ରସାରି-ସୈକତଶଯ୍ୟନରେ--କେବେ ଦକ୍ଷିଣର ତରୁ-ଗୁଳ୍ମମୟ ଶ୍ୟାମଳ ପ୍ରଦେଶରେ—କେବେ ଅସ୍ତରବିକରପାଟଳ ବାରୁଣୀଲଲାଟରେ—କେବେ ପୁଣି ଦ୍ୱିଏକନକ୍ଷତ୍ରମଣ୍ଡିତ ସ୍ୱଳ୍ପପ୍ରକାଶ ଆକାଶରେ ସେହି ଦୃଷ୍ଟି ପଡ଼ୁଅଛି । ଚଲ୍ଲ ଚଲ୍ଲ କେବେ ଚକ୍ଷୁ ଉନ୍ମୀଳିତ—କେବେ ଅର୍ଦ୍ଧମୀଳିତ—କେବେ ବା ନିମୀଳିତ ।

Digitized by srujanika@gmail.com

କେତେବେଳେ ଅଧର ଦଂଶନ—କେତେବେଳେ ନୀରବତା-ବ୍ୟଞ୍ଜକ ଅଧରୋଷ୍ଠମୁଦ୍ରଣ । ମଧ୍ୟେ ମଧ୍ୟେ ଦୃଢ଼ତାବ୍ୟଞ୍ଜୀ ନୀରବ ତର୍ଜନୀ ବର୍ଣ୍ଣନ !

ଏକାକୀ ଯୁବକ ବସି ନଦୀ ବନ୍ଧେ
କି ଭାବନା ଭାବୁଅଛି ନାନାଛନ୍ଦେ !

ତୁମ୍ଭେ ଭାବୁଛ ପରା ସଂସାରରେ ସବୁ ସୁଖ ଅଛି । କେବଳ ସେଥିରେ ପ୍ରତିବନ୍ଧକ ଥିବାରୁ ଲୋକେ ଭୋଗ କରି ନ ପାରି ସବୁକାଳେ 'ସଂସାର ଦୁଃଖମୟ' ବୋଲି ହାହାକାର କରି ଆସୁଅଛନ୍ତି । ମନର ଗତି ଯେଉଁଆଡ଼େ ହେଲା, ସେଥିରେ ଏଡ଼େ ବାଧା କାହିଁକି ? ହେଲେ ଏସବୁ ପ୍ରତିବନ୍ଧକ ନଦୀ-ସ୍ରୋତମୁଖରେ ସେତୁ ପରି ହେବା ଉଚିତ ।

ପ୍ରିୟ ପାଠକ ଅବଧାନ ! ପାଦ୍ରି ସାହେବଙ୍କ କୋଠିରେ ସେହି ସରଳା ବାଳକାଟିକୁ ଦେଖିଲା ଦିନୁ ମୋହନର ଏପରି ଭାବନା ଓ ପରିବର୍ତ୍ତନ କି ? ପ୍ରେମର କି ଅଦ୍ଭୁତଶକ୍ତି ! ସେହି ବୈଦ୍ୟୁତିକ ଶକ୍ତି ମୋହନର ଧମନୀରେ ପ୍ରବାହିତ ହୋଇ ତାହାର ପ୍ରତି ଅଙ୍ଗ ଉପାଙ୍ଗକୁ ଚଞ୍ଚଳ କରି ଦେଉଅଛି । ସେହିଦିନଠାରୁ ତାହାର ମନ ଚଞ୍ଚଳ ଆଉ ଅବ୍ୟବସ୍ଥିତ । କେତେବେଳେ ତାହାର ମନ ଲତାକୁଞ୍ଜରେ—ଗିରିପୃଷ୍ଠରେ, କେତେବେଳେ ତାରକାଗୁମ୍ଫିତ ଅନ୍ତରୀକ୍ଷରେ ବା ତରଙ୍ଗପ୍ରସ୍ଥ-ମଣ୍ଡିତ ନଦୀବକ୍ଷରେ । ଥରେ ସ୍ନିଗ୍ଧ ସୁବିମଳ ଚନ୍ଦ୍ରମଣ୍ଡଳରେ—ଥରେ ସରଳାର ଅମଳଗଣ୍ଡସ୍ଥଳକରେ । କେବେ କୁମାରୀର

Digitized by srujanika@gmail.com

ବିଶ୍ରାମସଦନରେ, କେବେ ବା ଜନକ ଜନନୀଙ୍କ ପାଦପଦ୍ମରେ । କିନ୍ତୁ ଅଧିକାଂଶ ସମୟ ଲୀଳାବତୀର ମଧୁର ହାସ, ସରସ ଭାଷା ଓ ମିଳନ ଆଶାରେ । କେତେବେଳେ ଭାଳି ବସେ, "ଆହା ! କି ସୁନ୍ଦର ମଧୁର ଆଳାପ ! କି ଶୁଭକ୍ଷଣରେ କଟକରେ ପଦାର୍ପଣ—ପଥରେ ପାଦ୍ରୀ ସାହେବଙ୍କର ଦର୍ଶନ—ଇଂରାଜୀରେ ଉଚ୍ଚ ଶିକ୍ଷା ସଙ୍ଗେ ସଙ୍ଗେ ଏପରି ମଧୁର ପରିବର୍ତ୍ତନ । କିନ୍ତୁ ପିତା ମାତାଙ୍କ କଥା ଭାବିଲେ ହୃଦୟରେ ଅକାଳ ସନ୍ଧ୍ୟା ଉପସ୍ଥିତ ହେଉଅଛି ! ଆଉ ସେ କଥା ମନକୁ ଆଣିବି ନାହିଁ—ଆଉ ଗ୍ରାମକୁ ବାହୁଡିବି ନାହିଁ । ସେ ପଲ୍ଲୀମରୁରେ ମୋହର ଜୀବନବୃକ୍ଷ ଆଉ ଜୀବିତ ରହି ପାରିବ ନାହିଁ । ଏକମାତ୍ର ପୁତ୍ର ବୋଲି ତାଙ୍କ ମନରେ ଦୁଃଖ ହୋଇ ପାରେ । ଏ ସଂସାରରେ ଏହିପରି କେତେ ତ ଦୁଃଖ ଭୋଗ କରୁଛନ୍ତି । ମହାତ୍ମାମାନେ ସଂସାରରେ ଏ ସବୁ ମୋହବନ୍ଧନ ପ୍ରତି ଭ୍ରୂକ୍ଷେପ କରନ୍ତି ନାହିଁ । ତେବେ ମୁଁ କଅଁ ଏତେ ଚିନ୍ତିତ ? ଏ ସଂସାରରେ ପିତା ମାତା କି ପୁତ୍ର କନ୍ୟା କେହି କାହାର ନୁହନ୍ତି । ସମସ୍ତେ ପରସ୍ପରକୁ ନେଇ ସ୍ୱାର୍ଥର ଖେଳ ଖେଳୁ-ଅଛନ୍ତି । ଆପଣାର କାର୍ଯ୍ୟ ସାଧନଲାଗି ଜୀବର ସୃଷ୍ଟି । ମୁଁ ମୋହର ମାର୍ଗ ଦେଖିବି ! ପିତା ମାତାଙ୍କୁ ଅନାଇ ଆଉ ଏ ମୋହର ସ୍ୱାଧୀନ ଉନ୍ମତ୍ତ ହୃଦୟକୁ ବୃଥା କଷ୍ଟ ଦେବି ନାହିଁ । ବର୍ତ୍ତମାନ ଲୀଳାବତୀର ଅମଳ ଧବଳ ପ୍ରତିବିମ୍ବ ମୋହର ହୃଦୟ-ସରରେ ଖେଳୁଅଛି । ତାହାର ମୁଖର ମଧୁର ହାସ୍ୟ ଓ ମଧୁର ଭାଷା ମୋହର ଚକ୍ଷୁ କର୍ଣ୍ଣକୁ ତୃପ୍ତ କରୁଅଛି । ତାହାର ପତ୍ରଲେଖା ଛଟା ମୋହ ହୃଦୟରେ ସବୁ ବେଳେ ଆଣି ପ୍ରକଟିତ

Digitized by srujanika@gmail.com

କରୁଅଛି । ସ୍ନେହର ପ୍ରସ୍ରବଣ ମୋ ଅଙ୍ଗକୁ ଧାବିତ । ମୁଁ ପାମର କେବଳ ତାହାର ପ୍ରତିଦାନ ନ କରି ଅନ୍ୟାୟ କରୁଅଛି । କେବଳ ରୂପଶ୍ରୀ ଦେଖି କଣ ସବୁ ବିସର୍ଜନ କରିବାକୁ ହେବ, ତାହା ନୁହେ । ଯେଉଁମାନେ ରୂପର ମୋହରେ ପ୍ରତାରିତ ହୋଇଥାନ୍ତି, ସେମାନଙ୍କର ପରିଣାମ ଶୋଚନୀୟ ହୋଇ ଉଠେ । ଲୋକେ କେବଳ ଶରୀରର କାନ୍ତି ଓ ମୁଖର ଗଠନରେ ରୂପର ବିଚାର କରୁଥାନ୍ତି । କିନ୍ତୁ ତାହା ବଡ଼ ଭ୍ରମ । ରୂପର ବାସ କେଉଁଠି—ତାହା ମୁଖ ନାସିକା ଛଟାରେ—କର ପଦ ଅଙ୍ଗୁଳିରେ—ଦନ୍ତପଂକ୍ତିରେ—କେଶବେଶ ସମ୍ଭାରରେ—ହାସ ଭାଷ ଚାଲି ଚଳନରେ ଏବଂ ଠାଣି ଚାହାଣିରେ । ଏ ସବୁଥିରେ ଥାଉଁ ଥାଉଁ କେବଳ ବର୍ଣ୍ଣବିଚାର ବଡ଼ ତୁଚ୍ଛ କଥା । ଆଉ ଯାହାର ନାନା ଗୁଣ ଅଛି, ତାର ରୂପଶ୍ରୀ ତ କାହୁଁ କାହୁଁ ଫୁଟି ଆସିବ ! ତେବେ ମୁଁ ତାହାକୁ ପରିତ୍ୟାଗ କରିବି ନାହିଁ । ବିବାହଟା ହେଲେ ପାଦ୍ରୀ ସାହେବ ବଡ଼ ସନ୍ତୁଷ୍ଟ ହୋଇଯିବେ । ପେଟପାଟଣାର ଆଉ କଷ୍ଟ କିଛି ରହିବ ନାହିଁ । ଅପାତତଃ ଏପ୍ରକାର ବିବାହର ସୁଯୋଗଟା ତ ବଢିବା ଉଚିତ ହେଉଅଛି । ଶିକ୍ଷିତ ଦମ୍ପତିର କି ସୁଖ, କି ଉଚ୍ଚ ଆନନ୍ଦ, ତାହା କେବଳ ତାଙ୍କରୁ ଶୁଣିଅଛି—ମନେ ମନେ କଳ୍ପନା କରିଅଛି; ମାତ୍ର ଅନୁଭବ କରି ନାହିଁ । ଆମ୍ଭ ଜାତିଟାରେ ସେପରି ସୁଖ ଏ ଜନ୍ମରେ ଅସମ୍ଭବ । ତେବେ କେବଳ ପିତା ମାତାଙ୍କୁ ସନ୍ତୁଷ୍ଟ କରିବାପାଇଁ ଏତେବଡ଼ ସୁଖସମ୍ଭାବନାଟା କଣ ଛାଡିଦେଇ ବସିବି ! ନା, ସେଉଟା ବଡ଼ ଅବିବେକର କାର୍ଯ୍ୟ ହେବ । ମହାତ୍ମାବି

Digitized by srujanika@gmail.com

କାଳିଦାସ କହିଅଛନ୍ତି ପରା—“ଅଲସ୍ୟ ହେବତୋ ବନ୍ଧୁହାରୁ-ମିଛନ ବଚ୍ୟରମୂଢ଼ଃ ପ୍ରତିଭାସି ମେ ତ୍ୱଂ ।” ଏକଥା ଅକ୍ଷରେ ଅକ୍ଷରେ ସତ୍ୟ । ବିଷୟର ଗୁରୁତ୍ୱ ନ ବୁଝିବା ନିତାନ୍ତ ଗଣ୍ଡମୂର୍ଖର କାର୍ଯ୍ୟ । ଓହୋ ! କେତେ ପ୍ରଭେଦ ! ଏକଆଡ଼େ ସ୍ୱର୍ଗର ସ୍ନିଗ୍ଧ ଆଲୋକ—ଅନ୍ୟଆଡ଼େ ପାତାଳର ଭୀମାନ୍ଧକାର ! ଏକଆଡ଼େ ପୁଷ୍ପିତ ଉପବନ—ଅନ୍ୟଆଡ଼େ କଣ୍ଟକମୟ ଅରଣ୍ୟ ! ଏଣେ ସ୍ୱଚ୍ଛତୋୟା ତରଙ୍ଗିଣୀ—ତେଣେ ବଦ୍ଧଜଳା ପୁଷ୍କରିଣୀ ! କାହିଁ କଟକର ଲୀଳାବତୀ-କକ୍ଷ—କାହିଁ ଶୀତଳପୁରର ସେ ଚଷାଘାଇ । କାହିଁ ପାଦ୍ରୀ ବେନ୍ ସାହେବ—କାହିଁ ସାମାନ୍ୟ ପାଇକ ହର ସ୍ୱାଇଁ । ଏଣେ ଶିକ୍ଷିତ ଖ୍ରୀଷ୍ଟିୟାନ୍ ଯୁବକ ବନ୍ଧୁ—ତେଣେ ବର୍ବର ଚଷା ଭାଇ ! ଏ ମହାଅନ୍ତର ଜାଣିଶୁଣି ସୁଦ୍ଧା ଯଦି ଗ୍ରହଣ ନ କରେଁ, ତାହାହେଲେ ମୋହର ଜୀବନ ଅକାରଣ, ଏ ଶିକ୍ଷା ନିଷ୍ଫଳ, ବୁଦ୍ଧି ମୃତ୍ପିଣ୍ଡଠାରୁ ସ୍ଥୂଳ ଏବଂ ମୋହର ଏ ମନୁଷ୍ୟତ୍ୱ ବ୍ୟର୍ଥ । ଆଜି ନବାବନ୍ଧରେ ମୋହର ଏହି ପ୍ରତିଜ୍ଞା—କଳକଳନାଦିନୀ ଏହି କଲ୍ଲୋଳିନୀର କଲ୍ଲୋଳ ପରି ମୋ ହୃଦୟକନ୍ଦରରେ ଏଥର ପ୍ରେମନିର୍ଝରିଣୀ ବାହାରିବ । ଆଉ ପୂର୍ବ ପ୍ରବାହିତ ସେହି ପ୍ରସ୍ରବଣ ସହିତ ମିଶି ଅପୂର୍ବ ପୁଲକରେ ଊର୍ଦ୍ଧ୍ୱମୁଖରେ ସେହି ଅନନ୍ତ ଆକାଶ ଆଡ଼କୁ ଶୀଘ୍ର ପ୍ରଧାବିତ ହେବ ।”

Digitized by srujanika@gmail.com

## ଷଷ୍ଠ ପରିଚ୍ଛେଦ ।

### କଟକ ପିଠାନ ସାହି—ଗଲି । ବବଜାନ୍ ।

ପିଠାନ ସାହି ରାସ୍ତାର କଣମୁଣ୍ଡରେ ଅଳ୍ପ ଅଳ୍ପ ଛଡ଼ାରେ ଯୋଡ଼ିଏ ଚାଳ ଘର ଅଛି । ଗୋଟିକର ଚାରିପାଖରେ କେତୋଟି ଫଳଭାରନତ ଅତଗଛ—ଦାଣ୍ଡ ବଡ଼ ଘରଟିରେ ଦୁଇପହର ଛଡ଼ା ସବୁବେଳେ ଛେଳି ମେଣ୍ଢାଙ୍କର କର୍ଣ୍ଣବଧିରକାରୀ ମେଁ—ମାଁ ଶବ୍ଦ ଶୁଣାଯାଏ । ଭିତର ପାଖର ସାନ ବଖରାଟିରେ ବୁଢ଼ୀ ବବିଜାନର ସମସ୍ତ ଘରକରଣା ଜିନିଷପତ୍ର ରହିଅଛି । ସଞ୍ଜ ହେଲେ ବବିଜାନ୍ ଛେଳି ମେଣ୍ଢାଙ୍କର ସେହି ବିକଟାଳ ରଡ଼ି ଭିତରେ ଅଉ ମଳମୂତ୍ରର ସେ ଉତ୍କଟ ଦୁର୍ଗନ୍ଧ ଭିତରେ ନାକ କାନକୁ ପଥର କରିଦେଇ ଦାଣ୍ଡଘରର ଦୁଆରେ ବସି ରାସ୍ତାରେ ଯିବା ଲୋକଙ୍କୁ ଡାକାଇ ବସିଥାଏ । ଆଗରେ ଗୋଟିଏ ବାଉଁଶ ଟୋକାଇରେ କେତେଗୁଡ଼ିଏ ଗଛପାଚିଲା ଅତ ବିକିବାପାଇଁ ଥୁଆ ହୋଇଥାଏ । ଦିନବେଳେ ବୁଢ଼ୀ କେତେଗୁଡ଼ିଏ ଗୁଳି ଅଉ ଟିକିଆ ଟୋକେଇରେ ପୂରାଇ ପଡ଼ୋଶୀ ଗୁଡ଼ାଖୁସେବି-ମାନଙ୍କର ଦ୍ୱାର ଦ୍ୱାର ବୁଲି ଆପଣା ଉଦରପୂରଣର ଉପାୟଚେଷ୍ଟା କରିପକାଇଥାଏ । ସନ୍ଧ୍ୟା ବୈଠକରେ ପାଖ ପଡ଼ୋଶୀ ରାମିଆମା ଆସି ଶିଏାପ କଥା ଭାଷାରେ ମିଳିଯାଏ । ପାଠକେ, ବୋଧହୁଏ ଏହାର ପରିଚୟ ପାଇବାପାଇଁ ଉନ୍ମୁଖ ହେବେ । ସେଥିପାଇଁ

Digitized by srujanika@gmail.com

ସଂକ୍ଷେପରେ ଏତିକି କହି ପାରୁଁ ଯେ, ରମିଆର ବାପ କୋଉଁ ଶଙ୍କର ବାବୁଙ୍କ ବଗିଚାରେ ମାଳି ଥିବାରୁ ସେହିଠାରେ ଥାଏ । ଶନିବାର ରବିବାର ଦେଖି ଶଙ୍କଖାଣ୍ଡରେ ଶୋଏ ଆସି ଘେରାଏ ଘରଦ୍ୱାର ବୁଲି ଚାଲିଯାଏ । ରମିଆମାର ଉଦରସ୍ଥ ଲଗାର ଦୁଇ ଚାରିଟା ପିଲା । ଠିକ୍ ଆମ୍ଭ ରେଭରେଣ୍ଡ ଫିଲିପ ବାବୁଙ୍କର ଯେ କୁକୁଡ଼ାର ଗୋଠ ପରି ଥାନ୍ତି । ଝିଅଟା ବଡ଼—ସେ ସାନ ପିଲାଗୁଡ଼ାକ ଧରମାର ସମ୍ଭାଳିବାରୁ ମା ଟିକିଏ ଫୁରୁସତ ପାଇଯାଏ । ତେଣୁ ସନ୍ଧ୍ୟାବେଳ ନାଗେଲ୍ଲଖଣି ପିଲାଙ୍କର ତୋରାଣୀ ବ୍ୟବସ୍ଥା କରିଦେଇ କେତେଟାଙ୍କୁ ନିଦ୍ରାଭିଭୂତ ଆଉ କେତେଟାଙ୍କୁ ଅର୍ଦ୍ଧନିଦ୍ରିତ ଅବସ୍ଥାରେ ସେହି ମଶାଙ୍କ ମେଳରେ ପକାଇଦେଇ ନବଜାନ୍ ପାଖରେ ଆସି ନିଶ୍ୱାସ ମାରେ । ଦୁଇ ସଖୀ ମିଳିଗଲେ କେତେ ଦୁଃଖ ସୁଖ, ଆଉ ସ୍ୱଲଜର କଥା ପଡ଼ିଯାଏ । ସେ ଦୁହିଙ୍କ ବୈଠକରେ ଯାହା ପଡ଼େ, ଦେଶର କୌଣସି ମହାସଭାରେ ସେତେ କଥାର ଆଲୋଚନା ହୁଏ କି ନାହିଁ ସନ୍ଦେହ ! କେତେବେଳେ ଖେଳ କୁକୁଡ଼ାଙ୍କ ଜନ୍ମମୃତ୍ୟୁ କଥା—କେତେବେଳେ ଆପଣାର ପେଟପାଟଣା କଥା—କେବେ ରମିଆ ବାପ ବା ସେହିଭଳି ଚାକରଙ୍କ ଦୁଃଖ ଜଞ୍ଜାଳର କଥା—କେବେ ବା ସହରର କଥା—କେବେ କେବେ କେଉଁ ଧର୍ମ ବା ଜାତିର କଥା—କେବେ ବା ସାହେବ ସୁବା ଓ ବାବୁ-ଭୟାଙ୍କ କଥା—ଇତ୍ୟାଦି ନାନା କଥାର ଆଲୋଚନା ଥାଉ ସାଙ୍ଗେ ସାଙ୍ଗେ ତହିଁର ନିର୍ବାରଣ ସେହିଠାରେ ହୋଇଯାଏ । ଦୁଃଖର କଥା ଯେ, କେହି ରିପୋର୍ଟର ନ ଥିବାରୁ ସେ ସବୁ

Digitized by srujanika@gmail.com

ତାହାର କାନକୁ ଆସି ପାରେ ନାହିଁ । ଏବେ ଆମ୍ଭେ ଅତି କୌଶଳରେ—ବଡ଼ ହୁସିଆରିରେ ତାଙ୍କର ଦରବାରର କଥା ହାସଲ୍ କରିଅଛୁଁ । ଏଠାରେ ତାହା ପାଠକମାନଙ୍କୁ ଉପହାର ଦେବାକୁ ମନ ବଳାଇଅଛୁଁ ।

ରାଣିଆମା ଅଜକାଲି ଦୁନିଆର ହାଲଚାଲ ଦେଖି ବଡ଼ ଦୁଃଖ ଓ ଷୋଭରେ ପ୍ରିୟସଙ୍ଗିନୀ ଶବଜାନକୁ କହିଲା, "ଶବ, ଅଜକାଲିକା କଥା ବେଳକୁବେଳ ଧରମଛଡ଼ା ହେଲା । ତୁମେ ଅମେ ତ ବଖତବେଳେ କେବେ ବଜାରକୁ ବାହାରି ନ ଥିଲେଇଁ । ପର ଲୋକକୁ ପଦେ କଥା କହିବାକୁ ତ ତୁମ ଅମ ଧରମରେ ମନା । ସାଲଣ ବରଷରେ ଏବେ ପିନା ପିଲାଏ ପାଣିବାରୁ ଅମେ ବଜାରମୁହଁ ଦେଖୁଥାଇଁ—ତୁମ ଶାଳୁ ଥିବାଯାଏ କୋଉଁଠି କାହିଁ ବାହାରୁଥିଲ ? ଏବେ ଭଲା ଦେଖିଲ, ଏ ସାହ ଝୋକଗୁଡ଼ାକ ଏଣେତେଣେ କଣ ହଉଛନ୍ତି ! ଏ ଖୀରସ୍ତାନ ଗୋଟାଏ କି ଜାତି—ସ୍ତାଙ୍କର ତ କିଛି ଠିକଣା ନାହିଁ—ଜାତିପତିର ବିଚାର ଯେମିତି ନାହିଁ—ଥାନ ଅଥାନର ବି ବାରଣ ନାହିଁ । ହେଲେ ଅପଣା ଇଜତ ହୁରୁମତକୁ ଟିକିଏ ଅଖି ନ ଥାନ୍ତା ! ଏଇଠେଇଁ ଦେଖୁ ନାହିଁ, ସେ ଫିଲିପ ବାବୁ ଘର କଥା କଣ ହେଉଛି !

ଶବ—ହଁ ହଁ, ଦେଖୁ ନାହିଁ କଣ ? ପାଠ ପଢାଇଲେ ତ ମାଇକିନିଆମାନେ ବାବୁ ବନିଯାନ୍ତି । ସେ ବେଟୀର ଚାଲି ଚଳଣ ଦେଖିଲେ ମୋ ହାଡ଼ ଜଳେ । ବେଳେ-ବେଳେ ମୋ ଦୁଆରକୁ ଅତ ନବ,ପାଇଁ ଆସିବ, ତେବେ

Digitized by srujanika@gmail.com

ସେହିଅଡ଼ୁ ଗୋଟାଏ ରୁମାଲ ହାତରେ ମୁହଁ ନାକ ବନ୍ଦ କରି ଆସୁଥିବ । ପୁଣି କି ହାକିମ ! ଜଲଦି ଦେ—ତା ନାକରେ ଏମିତି ଗନ୍ଧ ପଶି ଯାଉଛି !

ଗ୍ରାମିଅମା—ତା ପରି, ଖାଲି କଣ ସେତିକି—ତା କଥା ତ କେଉଁଠୁ କେଉଁଯାଏ ଗଡ଼ି ଗଲାଣି—ତୁମକୁ ଜଣା ନାହିଁ ପରା ?

ବବ—ମୁଁ ଜାଣେ ନାହିଁ—ସେ ବଙ୍ଗାଳିଅ ଟୋକାଟା କେତେ ଏଠିକି ଆସୁଛି । ତାହା ସାଙ୍ଗରେ କେତେ ହସ ଖେଳ-ଥଟା ଟାପରି । ହାତ ଧରାଧରି ତ୍ରୋଲି ପଡ଼ିଙ୍କ ଅଗୁହାରେ ପରି ବୁଲୁଥାନ୍ତି ।

ଗ୍ରା—ସେ କଣ ଯାହାକୁ ବାହା ହବ ବୋଲି କଥା ହଉଛି । ବାହା ନ ହଉଣୁ ଏମିତି !

ବବ—କେବେ ଭଲା ବାହାଘର ହେବ ?

ଗ୍ରା—ତାଙ୍କର କଣ ଆମ ଜାତି ପରି ଭଲ ମାସ କି ଭଲ ଦିନ ଲଗ୍ନ ଅଛି କି ଲୋ ? ମାସର ପହିଲା କି ଛୁଟି ଦିନ ଦେଖି-କରି ସେଥିରେ ତାଙ୍କର ବାହାଘର କରିଦିଅନ୍ତି । ଯାହାଙ୍କର କେବେ ହେବ କେଜାଣି—ମୁଁ ସେତେ କଥା ବୁଝିବାକୁ ଯାଏ ନାହିଁ । ଅଦାବେପାରୀର ଜାହାଜ-କାରବାରରୁ କଣ ମିଳିବ ?

ବବ—ହେଉ, ଛାଡ଼ ସେ କଥା, ଅମକୁ ସେଥିରୁ କିଛି ଫାଇଦା ନାହିଁ ।

ଗ୍ରାମିଅମା ଅଉ ଅବା କଣ କହିଥାନ୍ତା, ଏତିକବେଳେ ପିଲାଟାଏ ରଡ଼ି ଛାଡ଼ିବାରୁ ଗ୍ରାମିଅମା ତରତର ହୋଇ ସେଠାରୁ

Digitized by srujanika@gmail.com

ଚାଲିଗଲା । ଏକାକିନୀ ବିବିଜାନ୍ ଗ୍ଳାନି ବେଶି ହୋଇଯିବାର ଦେଖି ଦାଣ୍ଡ ଦୁଆରରେ ତାଟିକି ଲଗାଇଦେଇ ଅନ୍ତଃପୁରକୁ ଚାଲି ଗଲା । ତେଣୁ ଆଜ ଅଧିକ ଶୁଣିବା ଆମ୍ଭମାନଙ୍କ ଭାଗ୍ୟରେ ଘଟିଲା ନାହିଁ ।

## ସପ୍ତମ ପରିଚ୍ଛେଦ ।

### ଅଦାଲତ କଚେରି—ବଗ୍ଘର ।

ଆଜି ଅଦାଲତରେ ଲୋକାରଣ୍ୟ । ଓଲତଳ କଣ, ଗଛମୂଳ କଣ, ବାଟ ବରଣ୍ଡା କଣ, ସବୁଠାରେ ପଞ୍ଝା ପଞ୍ଝା ଲୋକ । କେଉଁଠି ଦଳେ ଓକିଲ ଘରପାଖରେ — କାହିଁ ଦଳେ ମୋହରିର ଘରପାଖରେ—କାହିଁ ବା ଦଳେ ଦଳେ ଅମଲା, ମାମଲତକାର ଘରପାଖରେ ଘେରଖାଇ ବୁଲୁଅଛନ୍ତି । ଗଛ-ମୂଳରେ ପଞ୍ଚାଏ ଜଣକେତେ କଲମଖୋରଙ୍କୁ ( ଖୋର କହିବାର ଉଦ୍ଦେଶ୍ୟ ଏହି ଯେ, ନିଶାଖୋର ଯେପରି ନିଶା ଛାଡ଼ି ପାରେ ନାହିଁ, ଏମାନେ ସେହିପରି କଲମ ଛାଡ଼ିଲେ ମୁହୂର୍ତ୍ତେ ବଞ୍ଚି ପାରିବେ ନାହିଁ । ) ବେଢ଼ି ବସି ପଢ଼ୁଅଛନ୍ତି । କଲମୀମାନେ ଅଣ୍ଠୁ ଉପରେ ଖଣ୍ଡେ ଖଣ୍ଡେ ପଇସିକିଆ କାଗଜ

Digitized by srujanika@gmail.com

ବିବିଧ ଢଙ୍ଗରେ ଭଙ୍ଗି ଅଧିକ ଅର୍ଜନ ଆଶାରେ ଅତି ତର-ତରରେ ଆପଣାର ମୁଖର କଲମରେ ଚର ଚର ଗାରେଇ ପକାଉଅଛନ୍ତି । ବରଣ୍ଡାରେ କଣେ ଜଣେ ମୋହରିର ମୟୂରପଝି-କଲମ କାନରେ ଖୋସିଦେଇ ବେକାଏ ବେଙ୍କାଏ କାଗଜ ହାତରେ ଧରି ଏ ଘର ସେ ଘର ଦୁଇ ତିନ ଅନୁଚର ସଙ୍ଗେ ପଶି ଯାଉଅଛନ୍ତି । ଆଗପଟରେ ଜଣକେତେ ଟରଣୀ ମଶାଣିରେ ଭୂଅ ଶାଗୁଣା ବା ଶ୍ୱାନ ଶୃଗାଳ ପରି ଲୋକଙ୍କୁ ଯେମନ ଟଣା-ଓଟରା ଲଗାଇଅଛନ୍ତି । ଯାହାଙ୍କୁ ଦେଖିଲେ ଅର୍ଥାଶୀ ପଣ୍ଡା-ପଣ୍ଡିଆସିମାନେ ଯେପରି ଆଚରଣ କରନ୍ତି, ନୂଆ ମଫସଲ ଦେଖି ପଣ୍ଡାଏ ଯେପରି ବ୍ୟବହାର କରିବାରେ ଲେଶମାତ୍ର ତ୍ରୁଟି କରୁ ନାହାନ୍ତି । ଆଉ ବରଣ୍ଡାରେ କେତେଗୁଡ଼ିଏ ଉତ୍ତରୀୟ-ବିହୀନ କୋଟ କାମିଜଧାରୀ ଏକବାହୁଆ ଲୋକ ଦଣ୍ଡାୟମାନ । କେହି ଛତିହସ୍ତ, କେହି ବେତହସ୍ତ, କେହି ମସ୍ତକହସ୍ତ, କେହି ବା ପୁସ୍ତକହସ୍ତ, କେହି ଯଷ୍ଟିକର, କେହି ପଟ୍ଟୀ-ଧର । କଚେରି ପଶ୍ଚପଟରେ ଗୋଟିଏ ବଟବୃକ୍ଷ ମୂଳରେ କେତେଗୁଡ଼ିଏ ଧବଳବସନା ମହିଳା ରଙ୍କ-ସଶଙ୍କ ନୟନରେ ଦଣ୍ଡାୟମାନା । ବରଣ୍ଡାରେ କେତେଗୁଡ଼ିଏ ମଫସଲୀ ସାକ୍ଷୀ ଦେଖଣାହାରୀ ଭୁଣ୍ଡ ଧୋଇ କଚେରିର ଗୋଟିକିଗୋଟି ବଣାର ନଠେଇ ନଠେଇ ଦେଖି ଚପି ଚପି ଅନ୍ୟମନସ୍କ ଭାବରେ ଯାଉଥିବା ବେଳେ ନିଜ ପାଦ୍ରିବଙ୍କ ମିସଲର ଅଗଦ୍ୱାରଠାରେ ଚପରାଶି ‘ଚୁପ୍ ଚୁପ୍’ ମୁକୁନ୍ଦ ପଣ୍ଡିତ ଧକ୍କା ଦେଇ ତଳେ ଗଡ଼ି ଯିବାକୁ କହୁଅଛି । ଏହି ସମୟରେ ଜ୍ୟେଷ୍ଠ କନିଷ୍ଠ ଜଣକେତେ ଉକିଲ ମୁଣ୍ଡରେ

Digitized by srujanika@gmail.com

ପାଲ-ପଗଡ଼ ବସାଇ ଦେଇ ବ୍ୟଗ୍ର ଭାବରେ ସେ ଘରେ ଲସର-ପସର ହୋଇ ପଶିଗଲେ । ପଛେ ପଛେ ସଙ୍କେତ ପାଇ ଫିଲପ ବାବୁଙ୍କ ସଙ୍ଗରେ ସେହି ଋଣ୍ଡୀଭୂତ ଦଳଟି ଗଡ୍ଡଳିକାପ୍ରବାହ ପରି ଗୋଟି ଗୋଟି ହୋଇ ଚାଲି ଗଲେ । ନାଟରଙ୍ଗ ବା ହଠ-ଚମଟ ଦେଖିବାର ଥିଲେ ଲୋକେ ଯେପରି ହୁଅନ୍ତି, ଅନେକେ ସେହିପରି ସେହିଅଡ଼କୁ ଦ୍ରୁତପଦରେ ଅଗ୍ରସର ହେବାକୁ ଲାଗିଲେ । ଏହି ସମୟରେ ଚପରାଶି 'ଜନମୋହନ ସ୍ୱାଇଁ ହାଜର ହୋ' ଡାକ ଦିଅନ୍ତେ ତତ୍କ୍ଷଣାତ୍ ପୂର୍ବରୁ ସାବଧାନ ପାଠକ-ମାନଙ୍କର ପୂର୍ବପରିଚିତ ମୋହନ କାହିତ୍ ଅନାଦରରେ ହାଜର ହାଜର କହି ନଗ ଓକିଲ ପଛେ ପଛେ ମିସିଲ ଭିତରକୁ ଟଣା ହୋଇ ଗଲା ପରି ପ୍ରବେଶ କଲେ । ଆମ୍ଭେମାନେ ମଧ୍ୟ ଏହି ଗହଳରେ ପଶିଗଲୁଁ । ଦେଖିଲୁଁ, ଉଭୟ ପାର୍ଶ୍ୱରେ ଦୁଇଦଳ ନୂଆ ପୁରୁଣା ଓକିଲ—କେତେକ ବ୍ୟବହାରୀ, ଆଉ କେତେକ ଦେଖଣାହାରୀ । ବାଦିର ପାର୍ଶ୍ୱ ଭାଗରେ ଓକିଲଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣ ଥିଲା । ଅପର ପାର୍ଶ୍ୱରେ ଓକିଲସଂଖ୍ୟା ଅଳ୍ପ ଥିଲେହେଁ ପ୍ରତିବାଦିର ପ୍ରଧାନ ଓକିଲ ବାବୁ ପି.ସି. ମିତ୍ର ସ୍ଥୂଳକାୟ ଥିବାରୁ ଦୁଇ ତିନିଜଣଙ୍କର ଅଭାବ ପୂରଣ କରୁଥିଲେ । ପ୍ରତିବାଦୀ ଉପସ୍ଥିତ ହେବା ମାତ୍ରେ ଅର୍ଗଳୀ ମଧ୍ୟରେ ପ୍ରବେଶ କରି କାଠବାଡ଼ରେ ବାହୁଭର ଦେଇ ଲଜ୍ଜାକ୍ଷୋଭରେ ହୃଦୟ ଜର୍ଜରିତ ହେଉ-ଥିଲେହେଁ ଆପଣାକୁ ନିରପରାଧ ବୋଲି ପରିଚୟ ଦେବାପାଇଁ ସଦମ୍ଭ ଭାବରେ ନିର୍ଭୀକବତ୍ ଠିଆ ହେଲେ । ତତ୍କ୍ଷଣାତ୍ ଦିବ୍ୟଶ୍ରାବଣ କରାଗଲା—ତହୁଁ ବାଦିର ପ୍ରଧାନ ଓକିଲ ବାବୁ

Digitized by srujanika@gmail.com

ଜ. ବ. ଚୌଧୁରୀ ଠିଆ ହୋଇ ପଢୁଥିବା ନଥିବଡ଼ାଟା ଟେବୁଲ ଉପରେ ଥୋଇ ଦେଇ—ସୁନାଶିକୁଳଲଗା ଚଷମାଟା ଛାତି ଉପରେ ଝୁଲାଇ ଦେଇ ଅଳ୍ପ ଅନତବଦନରେ ପ୍ରତିବାଦୀକୁ ପ୍ରଶ୍ନ କଲେ—ତୁମ୍ଭର ନାମ ?

ପ୍ରତି—ଜନମୋହନ ସ୍ୱାଇଁ । (ଏଣେ ଉଭୟପକ୍ଷରେ ଦୁଇ ଜଣ ଯାକ ଓକିଲ ଟେବୁଲ ଉପରେ ପୁଳାଏ କାଗଜ ଥୋଇ ତରତରରେ କଣ ଟିପିବାକୁ ଲାଗିଲେ । )

ଓ—ପିତାର ନାମ ?

ପ୍ରତି—ହରିହର ସ୍ୱାଇଁ ।

ଓ—ବୟସ ?

ପ୍ରତି—ପଚିଶ ବର୍ଷ ।

ଓ—ବାସସ୍ଥାନ ?

ପ୍ରତି—ଖୋର୍ଦ୍ଧା ଅନ୍ତର୍ଗତ ଶୀତଳପୁର ।

ଓ—ଜାତି ?

ପ୍ରତି—(ଟିକିଏ ଇତସ୍ତତଃ ହୋଇ ଚନ୍ଦ୍ରାହ୍ନନ୍ୟୁରେ) ହିନ୍ଦୁ ।

ଓ—ବ୍ୟବସାୟ ?

ପ୍ରତି—ଚାକର ।

ଓ—ଅଚ୍ଛା, ତୁମ୍ଭେ ଏଠା ହାଇସ୍କୁଲରେ ପଢୁଥିଲ ?

ପ୍ରତି—ହଁ ।

ଓ—ସେତେବେଳେ ତୁମ୍ଭର ନାମ ମୋହନ ସ୍ୱାଇଁ ଥିଲା ନା ?

ପ୍ରତି—ହଁ ।

Digitized by srujanika@gmail.com

ଉ—ତେବେ 'ଜନମୋହନ' କପରି ହେଲା ? ତାହାହେଲେ ତୁମ୍ଭେ କଣ ଖ୍ରୀଷ୍ଟାନ ଧର୍ମ ଗ୍ରହଣ କରିଅଛ ?

ପ୍ରତି—ନା, ପଢ଼ିବା ସମୟରେ ମୋହର ଗୋଟାଏ ସେଆଡ଼କୁ 'ଟେଣ୍ଡେନ୍ସି' ଥିଲା । (ପାଠକମାନଙ୍କୁ ଏଠାରେ ସତର୍କ କରି ଦେଉଅଛୁଁ ଯେ ଅମ୍ଭମାନଙ୍କର ଏ ଆସାମୀ, ଅନ୍ୟ ଦୋଷୀ ପରି ଭୀତଭାବରେ ବା ଗଦ୍ଗଦକଣ୍ଠରେ କିଛି କହୁ ନ ଥିଲେ । ଅଥବା ପଦେ କହିପକାଇ ଅନ୍ୟଥା ପ୍ରତୀତ ହେବା ଶଙ୍କାରେ ଅଧରସ୍ଫୁରଣ ସହକାରେ ଆଉ ପଦେ କହିବାକୁ ବ୍ୟଗ୍ର ହେଉ ନ ଥିଲେ । ନିର୍ବିକାରଚିତ୍ତରେ କିଞ୍ଚିତ୍ ଶ୍ଳେଷକଷାୟିତ ଦୃଷ୍ଟିରେ ମିତଭାଷୀ ପରି ଅଳ୍ପ କଥାରେ ଯେହ୍ନେ ସତ୍ୟଶୁଦ୍ଧ ଉତ୍ତର ପ୍ରଦାନ କରୁଥିଲେ ।)

ଉ—ଅଚ୍ଛା, ତୁମ୍ଭେ ଯେ ପୈତୃକ ନାମ ପରିବର୍ତ୍ତନ କରିଅଛ, ଆଫିଡେଭିଟ୍ କରିଥିଲ ?

ପ୍ରତି—ନାହିଁ ।

ଉ—ଅଚ୍ଛା, ରେଭରେଣ୍ଡ ବେନ ସାହେବଙ୍କୁ ଜାଣ ?

ପ୍ରତି—ଜାଣେଁ ।

ଉ—କେବେ ତାଙ୍କ କୋଠିକି ଯାଇଅଛ ? ସପ୍ତାହରେ କେତେ ଦିନ ଯାଅ ?

ପ୍ରତି—କେବେ କେବେ ଯାଇଅଛି । କୌଣସି ନିର୍ଦ୍ଦିଷ୍ଟ ଦିନ ନାହିଁ ।

ଉ—ତାଙ୍କର ମେମ୍ ସାହେବଙ୍କଠାରୁ ତୁମ୍ଭେ ଅନେକ ଥର ସାହାଯ୍ୟ ପାଇଅଛ ?

Digitized by srujanika@gmail.com

ପ୍ରଭ—ପାଇଛି ।

ଓ—ଅଚ୍ଛା, ତାଙ୍କ ପାଖରେ କେତୋଟି ଖ୍ରୀଷ୍ଟାନ ବାଳକାଙ୍କୁ ତୁମ୍ଭେ ଦେଖିଥିଲ ?

ପ୍ରଭ—ହଁ, କେତେଜଣ ପଢୁଥିବାର ଦେଖିଥିଲି ।

ଓ—ସେଥି ମଧ୍ୟରୁ କାହା ସହିତ ତୁମ୍ଭର ପରିଚୟ ବା ଘନିଷ୍ଠତା ଜନ୍ମିଅଛି ?

ପ୍ରଭ—ନାହିଁ ।

ଓ—ତୁମ୍ଭେ ଲୀଳାବତୀ ଗୁପ୍ତଙ୍କୁ ଜାଣ ?

ପ୍ରଭ—ନାମ ଶୁଣିଅଛି, ଦେଖା ବା କଥାଭାଷା କିଛି ହୋଇ ନାହିଁ ।

ଓ—ଅଚ୍ଛା, ତୁମ୍ଭେ ବାଇବେଲ ପଢ଼ିଅଛ ? କେତେ ଥର ? ଆଉ ସାହେବଙ୍କଠାରୁ ସମୟ ସମୟରେ ଧର୍ମୋପଦେଶ ପାଇଅଛ କି ?

ପ୍ରଭ—ପଢ଼ିଛି, କେତେ ଥର ମନେ ନାହିଁ । ପ୍ରଥମେ ପ୍ରଥମେ ସାହେବ ମୋତେ କେତେକ ଉପଦେଶ ଦେଇଥିଲେ ।

ଓ—କେତେଦିନ ହେଲା ତୁମ୍ଭେ ସେ ଉପଦେଶରୁ ବଞ୍ଚିତ ହୋଇଅଛ ?

ପ୍ରଭ—ମୁଁ ପ୍ରାୟ ବର୍ଷେ ହେଲା ତାଙ୍କ କୋଠିକି ଯାଇ ନାହିଁ ।

ଓ—ଅଚ୍ଛା, ତୁମ୍ଭ ନାମରେ ଯେଉଁ ଅଭିଯୋଗ ହୋଇଅଛି, ତାହା ତେବେ ସତ୍ୟ ?

ପ୍ରଭ—ଏ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ।

ତହୁଁ ଓକିଲ ବାବୁ ମୁହଁ ଫେରାଇ ତାହାଙ୍କ ହସ୍ତଲିଖିତ

Digitized by srujanika@gmail.com

ଫସାଦ ଜଣ ଅଛି ବୋଲି ଫିଲିପ ବାବୁଙ୍କୁ ମାଗିବାରୁ ସେ ନଥିରୁ ଖଣ୍ଡିଏ ପତ୍ର ଦେଖାଇଦେଇ ସମସ୍ତେ ନ ଶୁଣିଲା ପରି କହିଲେ, “ଏହି ଖଣ୍ଡିକ ତାଙ୍କର ଶେଷ ପତ୍ର ଏବଂ ଏଡ଼କ ମୋ ପାଖରେ ଥିବାରୁ ଦାଖଲ କରିଥିଲି ।” ଓକିଲ ବାବୁ ହଠାତ୍ ନାକରେ ଚଷମା ଲଗାଇଦେଇ ଥରେ ପତ୍ରଖଣ୍ଡିକ ଚାହିଁଦେଲେ ଏବଂ ପତ୍ରର ସମଗ୍ର ଲିପି ପରୋକ୍ଷରେ ରଖି କେବଳ ସ୍ୱାକ୍ଷର ଅଂଶଟି ଦେଖାଇ ପଚାରିଲେ—ଏ ତୁମ୍ଭର ସ୍ୱାକ୍ଷର ତ ?

ପ୍ରତି—ହଁ, ମୋହର ସ୍ୱାକ୍ଷର ପରି ଦିଶୁଛି । ( କହିସାରି କ୍ଷଣିକ ଚିନ୍ତାଭିନୟ । )

ଓ—ଗତ ବର୍ଷ ତୁମ୍ଭେ ଏ ପତ୍ର ଶ୍ରୀମତୀ ଲୀଳାବତୀ ରାଉତଙ୍କ ନିକଟକୁ ଲେଖିଅଛ ? ତୁମ୍ଭର ତାହାହେଲେ ତାଙ୍କ ସହିତ ବିବାହ ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା ?

ପ୍ରତିବାଦୀ କିଛି ଉତ୍ତର ନ ଦେଉଣୁ ତାଙ୍କର ଓକିଲ ହଠାତ୍ ଉଠିପଡ଼ି ବାଧା ଦେଇ ହାକିମଙ୍କ ଅଡ଼କୁ ଅନାଇ କହିଲେ, “ହଜୁର ! ଏ ପତ୍ରଖଣ୍ଡି ଏଠାରେ ପାଠ କରାଯାଉ ।” ସଙ୍କେତରେ ପତ୍ରଧାରୀ ଓକିଲ ତାହା ପାଠ କରିବାକୁ ଆରମ୍ଭ କଲେ ।

ମୋହର ପ୍ରିୟ ଲିଲି,

ପ୍ରଭୁ ତୁମ୍ଭଙ୍କୁ ଆଶୀର୍ବାଦ କରନ୍ତୁ ।

ମୁଁ ତୁମ୍ଭଙ୍କୁ କାହିଁକି ଯେ ଏତେ ପ୍ରେମ କରେଁ, ତାହା ମୁଁ ଜାଣି ପାରେ ନାହିଁ । ଜଗତରେ ଲୋକେ ସୁନ୍ଦର ରୂପ ଦେଖି ଯେତେ ଟଳନ୍ତି, ମୁଁ ତୁମ୍ଭ ଗୁଣରେ ତାହାଠାରୁ ଅଧିକ ଟଳ-

Digitized by srujanika@gmail.com

ଅଛୁ—ଜାଣ । କହିବାକୁ ମନ ବଳୁ ନାହିଁ ଯେ, ମୁଁ ବର୍ତ୍ତମାନ ତୁମ୍ଭଠାରୁ ଅନ୍ତର ହେବାକୁ ବସିଅଛୁ । ମୋହର ମନର ଅବସ୍ଥା ଭଲ ନୁହେ—ପିତା ମାତାଙ୍କ କଥା ଭାବି ମନ ବଡ଼ ଅସ୍ଥିର ହେଉଅଛି । ନାନା କାରଣରୁ ମୁଁ ଏ ସ୍ଥାନ ପରିତ୍ୟାଗ କରିବାକୁ ବାଧ ହୋଇ ଚାକିରି ନିମନ୍ତେ ସ୍ଥାନାନ୍ତରକୁ ଯିବି । ମୋହ ପ୍ରତି ତୁମ୍ଭେ ଯେଉଁ ପ୍ରେମ ଭାବ ରଖିଥିଲ, ତାହା ମୁଁ କେବେହେଁ ପାସୋରି ପାରିବି ନାହିଁ । ଏତଦ୍ବାରେ ତୁମ୍ଭଠାରୁ ବିଦାୟ ନେଲି ।

ମୁଁ ତୁମ୍ଭର ପ୍ରେମପାଶବଦ୍ଧ

ଜନମୋହନ ।

ପୁନଶ୍ଚ—ତୁମ୍ଭର ଉପନ୍ୟାସ ବହି ଦୁଇଖଣ୍ଡି ପରେ ପଠାଇଦେବି ।

ଜ. ମୋ.

ପତ୍ରପାଠାନ୍ତେ ପ୍ରତିବାଦୀର ଉକିଲ ଥରେ ଅପର ପକ୍ଷ ଉକିଲଙ୍କ ମୁହଁକୁ, ଥରେ ହାକିମଙ୍କ ଆଡ଼କୁ ଅନାଇ ଦୁଇ ତିନି ଥର ଅଧର ଚୁମ୍ବନ କରି କହିଲେ, "ହଜୁର ! ଏ ପତ୍ରରୁ କୌଣସି ଚୁକ୍ତି ଥିବାର ଅନୁମାନ ହେଉ ନାହିଁ । ଅତଏବ ଏହି ପତ୍ରବଳରେ ବିବାହ ପ୍ରସ୍ତାବ ହୋଇଥିଲା ବୋଲି କହିବା ଅସଙ୍ଗତ ଅଟେ । ଆଉ ମଧ୍ୟ ମୋହର ମକ୍କେଲ ବାଦିନୀ ସହିତ କୌଣସି ସମ୍ପର୍କ ଥିଲା ବୋଲି ସ୍ୱୀକାର କରୁ ନାହିଁ ।"

ଅବଜ୍ଞାବ୍ୟଞ୍ଜକ ପ୍ରତିବାଦକାରେ ପ୍ରତିପକ୍ଷଙ୍କ ସେ ଯୁକ୍ତି ଶ୍ରବଣ କରି ଚୌଧୁରୀ ମହାଶୟ ଦୁଇ ତିନିଟା ବଡ଼ ବଡ଼ ଆଇନ ବହି

Digitized by srujanika@gmail.com

ତରତଳରେ ମେଲାଇ ପକାଇ କିଛିକ୍ଷଣ କଣ ମନେ ମନେ ଗୁଣି ପୁଣି ଉନଥର ଦୃଢ଼ତାବ୍ୟଞ୍ଜକ ତର୍ଜନୀ ନିର୍ଦ୍ଦେଶପୂର୍ବକ ମୁଖ ଉତ୍ତୋଳନ କଲେ ଏବଂ ହାକିମ ଆଡ଼କୁ ଚାହିଁ କ୍ଷଣିକ ସ୍ମିତ-ଭାବରେ କହିଲେ, "ହଜୁର ! ଶେଷରେ ମୋହର କିଛି ବକ୍ତବ୍ୟ ଅଛି । ଅନୁମତି ହେଲେ ମୁଁ ଗୋଟିଏ ଶିଶୁ ସନ୍ତାନକୁ ଏଠାକୁ ଆଣାଇ ତାହାଦ୍ୱାରା ପ୍ରମାଣ କରାଇ ପାରିବି ଯେ, ଏହାଙ୍କର ବାଦିନୀ ସହିତ ପ୍ରକୃତ ପ୍ରଣୟ ଥିଲା ।"

ବହୁବିସ୍ମିତ ନେତ୍ରରେ କେହି କେହି ଅଧୋବଦନରେ ଏହା ଶ୍ରବଣ କଲେ । ପ୍ରତିବାଦୀ ନୀରବ ହୋଇ କ୍ଷଣକ ପରେ ଆପଣା ଉକିଲଙ୍କୁ କଣ ସଙ୍କେତ କଲେ । ଉକିଲ ବାବୁ ଠିଆ ହୋଇ ବାଦୀ ପକ୍ଷର ଉକିଲଙ୍କ କଥାର ପ୍ରତିବାଦ କରି ଯୁକ୍ତି-ବଳରେ ତାହା ଖଣ୍ଡନ କରିବାକୁ ଚେଷ୍ଟା କଲେ । ମାତ୍ର ବୃଥା କାଳକ୍ଷେପ ଭୟରେ ହାକିମ ଆଉ ଉକିଲଙ୍କ ଯୁକ୍ତିତର୍କମୟ ବକ୍ତୃତାରେ କର୍ଣ୍ଣପାତ ନ କରି ମଧ୍ୟେ ମଧ୍ୟେ କଲମଟା ଅଧରୋଷ୍ଠ ମଧ୍ୟରେ ଚାପି ରାୟ ଲେଖିବାକୁ ଆରମ୍ଭ କଲେ । ପରିଶେଷରେ ସର୍ବସମକ୍ଷରେ ସେହି ରାୟ ପଠିତ ହୋଇ ସାରିବା ପରେ ସୁଖେ ଦୁଃଖେ ଏକେ ଏକେ ସେ ପ୍ରକୋଷ୍ଠ ତ୍ୟାଗ କଲେ ଏବଂ କ୍ଷଣକରେ ସେ ଗୃହ ବିରଳତାରକା ନିଶାନ୍ତକାଳ ପରି ଅଥବା ବକ୍ତୃତାନ୍ତସ୍ଥିତ ସଭାକକ୍ଷ ପରି ବିରଳ ଶୋଭା ଧାରଣ କଲା । ପାଠକମାନେ କେକାଣି ଶୁଣିବାକୁ ଆଗ୍ରହୀ ଥିବେ, ଏଥିପାଇଁ ଆମ୍ଭେମାନେ ସେ ରାୟର ସାରାଂଶ ଏଠାରେ ପ୍ରକାଶ କରୁଅଛୁଁ ।

Digitized by srujanika@gmail.com

"ଆମ୍ଭେ ଏ ମକଦ୍ଦମାଘଟିତ ସମସ୍ତ କଥା, ଭଦ୍ରବ୍ୟକ୍ତିମାନଙ୍କର ସାକ୍ଷ ଏବଂ ଉଭୟ ପକ୍ଷର ଉକିଲ ବାବୁ ଗୋଷ୍ଠବିହାରୀ ଚୌଧୁରୀ ଓ ବାବୁ ପ୍ରତାପଚନ୍ଦ୍ର ମିଶ୍ରଙ୍କ ଯୁକ୍ତି ତର୍କ ଅତି ମନୋଯୋଗ ସହକାରେ ଶୁଣିଅଛୁଁ । ସେ ସମସ୍ତରୁ ଏବଂ ସମ୍ମାନିତ ଡାକ୍ତ ବେନ ସାହେବଙ୍କ ପତ୍ରରୁ ଏବଂ ପ୍ରଶଂସିତ ଚୌଧୁରୀଙ୍କ ବଳବତ୍ତର ପ୍ରମାଣରୁ ଆମ୍ଭର ଦୃଢ଼ ବିଶ୍ୱାସ ହୋଇଅଛି ଯେ, ଏ ମକଦ୍ଦମା-ଘଟିତ କଥା ସମ୍ପୂର୍ଣ୍ଣ ସତ୍ୟ ଅଟେ । ଅତଏବ ଆମ୍ଭେ ଏଥି ଆଦେଶ ପ୍ରଚାର କରୁଅଛୁଁ ଯେ, ପ୍ରତିବାଦୀ ଜଗମୋହନ ସ୍ୱାଇଁ ପୂର୍ବ ପ୍ରସ୍ତାବମତେ ଶ୍ରୀମତୀ ଲୀଳାବତୀ ରାଉତାଙ୍କୁ ବିବାହ କରିବାକୁ ବାଧ୍ୟ । ଯଦି ତାହା ନ କରନ୍ତି, ତାହାହେଲେ ଆଇନ ଅନୁସାରେ ତାଙ୍କର ପ୍ରତିପୋଷଣର ସମସ୍ତ ଭାର ବହନ କରିବେ ଏବଂ ବାଦୀ ବାବୁ ଫିଲପଚନ୍ଦ୍ର ରାଉତଙ୍କୁ ଏଥିର କ୍ଷତିପୂରଣସ୍ୱରୂପ ପାଞ୍ଚ ଶତ ଟଙ୍କା ପ୍ରଦାନ କରିବେ ଅଥବା ଏ ଉଭୟ ଉଦ୍ଦେଶ୍ୟରେ ଏକକାଳୀନ ୧୫୦୦ ଟଙ୍କା ଆଜ ତାରିଖରୁ ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବେ ।"

Digitized by srujanika@gmail.com

## ଅଷ୍ଟମ ପରିଚ୍ଛେଦ ।

### ମହାନଦୀ କୂଳ—ମନ୍ତ୍ରଣା ।

ଆଜ ନିଶାବସାନ ନ ହେଉଣୁ ଜନମୋହନ ଆସି ମହାନଦୀର ମନୋହର ପୁଳିନରେ ସମାସୀନ । ଖଣ୍ଡିଏ ଶିଳା ଉପରେ ବସି ମହାନଦୀର ବକ୍ଷ ପ୍ରତି ସ୍ଥିରଦୃଷ୍ଟି ରଖିଅଛନ୍ତି । ଦେଖୁଁ ଦେଖୁଁ ଅସିତ ଅବରଣ ପ୍ରାପ୍ତ ନିଶାନ୍ତ ଅନ୍ଧକାର ନଦୀଶଯ୍ୟାରୁ ଅନ୍ତର୍ଦ୍ଧାନ ହେବାକୁ ଲାଗିଲା । ସୁବିଶଦ ବାଲୁକାଶଯ୍ୟାପ୍ରାନ୍ତରେ ସୁନୀଳ ସୁପ୍ରଶାନ୍ତ ମହାନଦୀଜଳ ଦୃଷ୍ଟିଗୋଚର ହେଲା । ଗୃହୁଁ ଗୃହୁଁ ପ୍ରଭାତର ମନ୍ଦ ସମୀରଣ ପରଶରେ ତାହା ଉପରେ ଲହରୀଲୀଳା ଦେଖା ଦେଲା । ବୀଚି ପରେ ବୀଚିମାନ ଆସି ତଟଦେଶରେ ଶିର ପିଟି ଲୁଟିବାକୁ ଲାଗିଲେ । ଏହି ବୀଚିଲୀଳା ବହୁକ୍ଷଣ ନିରୀକ୍ଷଣ କରି ଜନମୋହନ ଯେହ୍ନେ ତନ୍ମୟ । ଅନ୍ତର ମଧ୍ୟରେ ଯେହ୍ନେ ସେ ଏହି ଚିତ୍ର ଅବିକଳ ଦେଖି ପାରୁଥିଲେ । ସେ ତରଙ୍ଗାୟିତ ନଦୀବକ୍ଷ, ସେ ପ୍ରଭାତ ସମୀରଣ ଏବଂ କୂଜନକାରୀ ପକ୍ଷିଗଣ ଯେହ୍ନେ ତାହାଙ୍କୁ କେତେ କଣ ସଙ୍କେତ କରୁଅଛନ୍ତି ବୁଝି, ଯୁବକ ନାନା ଚିନ୍ତା କରିବାକୁ ଲାଗିଲେ । କିନ୍ତୁ କିଛି ନିର୍ଣ୍ଣୟ ହୋଇ ନ ପାରିବାରୁ ଚିନ୍ତାଭାରରେ ହୃଦୟ ଅବସନ୍ନପ୍ରାୟ । 'ବିବାହ କରିବି କି ନାହିଁ' ଏହି ଗୁରୁତର ସମସ୍ୟାରେ ପଡି ଯୁବକଙ୍କର ଚିତ୍ତ ଆନ୍ଦୋଳିତ ହୋଇଗଲା । ପ୍ରଭାତର ଶୀତଳ

Digitized by srujanika@gmail.com

ଉପତ୍ୟରରେ ପ୍ରକୃତିର ମଧୁର ସଙ୍କେତରେ ମନ କିଞ୍ଚିତ୍ କୋମଳ ଏବଂ ସ୍ନେହପ୍ରବଣ ହେବାକୁ ଲାଗିବାରୁ ଯୁବକ ବନ୍ଧୁ ଭବନା ପରେ ସ୍ଥିର କଲେ, ବରଂ ବିବାହ ଶ୍ରେୟଃ । ବିପରୀତମାର୍ଗରେ ଗଲେ ତତୋଽଧିକ କଷ୍ଟ । ଆଉ କଥା ଚେଣିକି ଥାଉ, ଏତେ ଅର୍ଥ ବା କାହିଁ ପାଇବ ? ବିବାହରେ ମୋହର ପ୍ରବୃତ୍ତି, ଅନ୍ୟଥା ମୋହର ବନ୍ଧନ ଅବଶ୍ୟମ୍ଭାବୀ । ତେବେ ଜାଣି ଜାଣି କାହିଁକି ଦୁଃଖଗୁଡ଼ିକୁ ଆବାହନ କରିବ ? ଏହିପରି ଆଲୋଚନା କରି ଯୁବକ ଏବେ ଗୃହଅଭିକୁ ଟିକିଏ ଆଖି ଫେରାଇଲେ । ପଶ୍ଚିମ-ଦିଗରେ ଦେଖିଲେ, ଦୁଇ ଜଣ ବ୍ୟକ୍ତି ରାଜମାର୍ଗରୁ ବନକୁ ଉଠି ତାହାଙ୍କ ଅଡ଼କୁ ଅଗ୍ରସର ହେଉଅଛନ୍ତି । କିଛି ପଥ ଅଗ୍ରସର ହୁଅନ୍ତେ ଯୁବକ ଚିହ୍ନି ପାରିଲେ ଯେ ଜଣେ ତାଙ୍କର ଭାବୀ ଶ୍ୱଶୁର ଫିଲିପ ବାବୁ, ଅନ୍ୟ ଜଣକ ତାଙ୍କର ପରମବନ୍ଧୁ ଯୋଶେଫ ବାବୁ । ନିକଟରେ ଦେଖି ଜନମୋହନ ଶିଷ୍ଟ ବାଳକ ପ୍ରାୟ ଦଣ୍ଡାୟମାନ ହୋଇ ନମସ୍କାର କଲେ । ସରଳପ୍ରାଣ ଫିଲିପ ବାବୁ ଆଜ ଯୁବକଙ୍କ ପୂର୍ବ ଭାବର ପରିବର୍ତ୍ତନ ଦେଖି ମୁଗ୍ଧ ହୋଇଗଲେ । ଯୋଶେଫ ବାବୁ ଯୁବକଙ୍କ ହାତ ଧରି ସସ୍ନେହରେ ପଚାରିଲେ, "ତୁମ୍ଭେ ଏକାକୀ କି ନିମନ୍ତେ ଏଠାକୁ ଆସିଅଛ ? କେତେକାଳ ହେଲା ଆସିଲଣି ?"

ଯୁ—ଆଜ ରବିବାର ଥିଲା ବୋଲି ଟିକିଏ ଆଗରୁ ଉଠି ଏଠାକୁ ବୁଲି ଆସିଥିଲି ।

ଯୋ—ଉତ୍ତମ କଥା, ଏ ସବୁ ସୁନ୍ଦର ଦୃଶ୍ୟମାନ ଦେଖି ମନକୁ ଭୁଲାଇବା ଉଚିତ । ବାବୁ, ମୁଁ ତୁମ୍ଭଙ୍କୁ ଖୋଜୁଥିଲି ।

Digitized by srujanika@gmail.com

ସାହେବ ମୋତେ ଏବେ ତୁମ୍ଭଙ୍କୁ କୋଠିକି ନେଇ-ଯିବାକୁ କହିଥିଲେ । ଆଜ ଦୁଇ ବନ୍ଧୁ ପ୍ରାତଃକାଳରୁ କବର ଦର୍ଶନ କରି ଫେରୁଥିଲୁଁ । ଗିର୍ଜାଘଣ୍ଟା ବାଜିବା ପୂର୍ବରୁ ଏହିକ୍ଷଣି ସାହେବଙ୍କ କୋଠିକି ଯାଉଅଛୁଁ । ବାଟରେ ତୁମ୍ଭ ସହିତ ଦେଖା ହେଲା, ଭଲ ହେଲା । ବର୍ତ୍ତମାନ ଆମ୍ଭ ସଙ୍ଗରେ ଆସ, ସାହେବଙ୍କ ସହିତ ଦେଖା ହେବ ।

ଉପରେ ଆମ୍ଭେମାନେ କହିଅଛୁଁ ଯେ ଯୁବକଙ୍କର ମନ ଆଗରୁ ଏମାନଙ୍କ ଅଭିପ୍ରାୟର ଅନୁକୂଳ ହୋଇଅଛି । ତେଣୁ ଏ ପ୍ରସ୍ତାବରେ ସେ ଆଉ ପ୍ରତିକୂଳ ଭାବ ନ ଦେଖାଇ ବିନା ଆପତ୍ତିରେ ସେ ବେନଙ୍କ ଅନୁଗମନ କଲେ । ପଥ ମଧ୍ୟରେ ଯୁବକଙ୍କଠାରୁ ନାନା ପ୍ରଶ୍ନର ଆଶାନୁରୂପ ଉତ୍ତର ପାଇ ଦୁଇ ବନ୍ଧୁ ଭାବୀ ସୁଖ ସମ୍ପଦର କେତେ କଳ୍ପନା କରିବାକୁ ଲାଗିଲେ । କିନ୍ତୁ କିଏ ଜାଣେ, ସେ ଯାହା ଭାବେ, ତାହା ଅବଶ୍ୟ ଘଟିବ ? କାଳର କି କୁଟିଳା ଗତି ! ସେ ଏତେ ଲୋକଙ୍କୁ ଯେନ କେତେ ରଙ୍ଗରେ କେତେ କ୍ରୀଡ଼ା କରେ ! ତାହାରି ପ୍ରଭାବରେ ମାନବ ହୃଦୟରେ କେତେବେଳେ କି ଭାବ ! ଏହି କାଳପ୍ରତାରିତ ହୋଇ ପୁଣି କେତେ ତାହାର କରାଳକବଳରେ ପତିତ ହେଉ-ଅଛନ୍ତି ! ଭ୍ରାନ୍ତ ମନୁଷ୍ୟ ତାହା କଳନା କରିବାକୁ ଅକ୍ଷମ ।

Digitized by srujanika@gmail.com

## ନବମ ପରିଚ୍ଛେଦ ।

### ଗିର୍ଜାଘର—ବିବାହ ।

ଆଜି ଗିର୍ଜାଘରେ ଘନ ଘନ ଘଣ୍ଟା ଠନ୍ ଠନ୍ । ଖ୍ରୀଷ୍ଟଅଷ୍ଟ ମୂର୍ତ୍ତିମତୀ ଶାରଦ ଶୁଭ୍ରତା ପ୍ରାୟ ଧାଡ଼ି ଧାଡ଼ି ହୋଇ କେତେ ସ୍ତ୍ରୀ ପୁରୁଷ ମାନେ ଆସୁଅଛନ୍ତି, କେହି କେହି ବରଣ୍ଡାରେ ଦଣ୍ଡାୟମାନ, କେହି ବା ଫାଟକ ପାଖରେ ଉଭା, କେହି ଛନ୍ ଛନ୍, କେହି ତ ଜନ୍ କନ୍ ; କାହାର ଶୂନ୍ୟ ମନ—କାହାର ଝଣଝଣ୍ ; କେହି ଗମ୍ ଗମ୍—କେହି ବା ଝମ୍ ଝମ୍ । ସମସ୍ତଙ୍କର ଏକ-ଆଡ଼କୁ ପ୍ରାୟ ଦୃଷ୍ଟି ପଡୁଅଛି । କାହାକୁ ଯେପରି ସତୃଷ୍ଣନୟନରେ ପ୍ରତୀକ୍ଷା କରି ରହିଅଛନ୍ତି । ମଧ୍ୟେ ମଧ୍ୟେ ଯେହି ଯୌବନସୁଲଭ ଚପଳତାରେ ଗୋଟିଏ ଜଣ ଅସମ୍ଭାଳରେ ଦେଖା ଦେଇ ପଛେ ପଛେ ଆପଣାର ଭ୍ରମ ବୁଝି ପାରି ଅନ୍ତରରେ ଲଜ୍ଜା ଅନୁଭବ କରି-ଅଛି । କାହା ହୃଦୟରେ ଉତ୍ସାହ—ଅଗ୍ନିଶିଖା ଦପ୍ କରି ଉଠି ପୁଣି ହବ ଯାଉଅଛି । ଠାବେ ଠାବେ ଜଣେ ଦ ଜଣ ଠିଆ ହୋଇ ତର୍କ ବିତର୍କରେ କଣ ଗୋଟାଏ ଗୋଟାଏ ସିଦ୍ଧାନ୍ତ କରି ପକାଉଛନ୍ତି । ଗୋଟିଏ ରକ୍ତବସ୍ତ୍ର ପରିଧାନ ଦେଖିଲେ ଦୂରରୁ ମହିଷପଲ ଯେପରି ଶୃଙ୍ଗ ମୁଖ ଉତ୍ତୋଳନ କରି ତାହା ଝଡ଼କୁ ଚାହିଁ ରହନ୍ତି, ଠିକ୍ ସେହିପରି ଚାହିଁ ଚାହିଁ ଗୋଟିଏ ଫିଟନ ଗାଡ଼ି ଆସି ପହଞ୍ଚିଗଲା । ଦୁଇଜଣ ଶ୍ୱେତବସ୍ତ୍ରାବୃତା

Digitized by srujanika@gmail.com

ରମଣୀ ଆଜ୍ କଣେ ଶ୍ମଶ୍ରୁଳ ଯୁବକଙ୍କ ମଧ୍ୟରେ, ତାରପୁଞ୍ଜ ମଧ୍ୟରେ ଅର୍ଦ୍ଧୋନ୍ମେଷ ପଦ୍ମ—ଅଥବା ପୁଷ୍ପବୃନ୍ଦ ମଧ୍ୟରେ ମନୋହର କୋକନଦ ପରି ଗୋଟିଏ ରକ୍ତକାଞ୍ଚନ-ବସନପରିଧାୟିନୀ ଅବଗୁଣ୍ଠନବତୀ ଦେଖାଯାଉଥିଲେ । ସେ ପାଟଳ ବସ୍ତ୍ର ଭିତରେ ଧବଳଅଙ୍ଗରଞ୍ଜିନୀ ଉଷାର ରକ୍ତ ମେଘାବରଣ ଭିତରେ ସୂର୍ଯ୍ୟ ଅଲୋକ ପରି ଫୁଟି ଦିଶୁଅଛି । ଯାନଟି ତୋରଣଦ୍ୱାରରେ ରହିଲାକ୍ଷଣି ଧବଳା ମହିଳାମାନେ ଆସି ତାଙ୍କୁ ସେନ ଗିର୍ଜା ଭିତରକୁ ନେଇଗଲେ ଏବଂ ବାମଭାଗର ସମ୍ମୁଖ ଆସନରେ ବସାଇଲେ । ସହଯାତ୍ରୀମାନେ ସେହି ପାଖରେ ପଛକୁ ପଛ ବସିଗଲେ । ପାଠକେ, ଅବଶ୍ୟ ଏହାଙ୍କୁ ଚିହ୍ନି ପାରିବେଣି । ଏମାନେ ଆସିଲାକ୍ଷଣି ଅନେକଙ୍କୁ, ବିଶେଷତଃ ସେହି ଶ୍ମଶ୍ରୁଳଙ୍କୁ ବଡ ଉଦ୍ବିଗ୍ନ ଥିବାର ଦେଖାଗଲା । ବର ପକ୍ଷର ଆଗେ ଉପସ୍ଥିତ ହେବାର ବିଧି । ଆଜ ଏତେବେଳଯାଏ ବରର ଦେଖା ନାହିଁ । ଏ ପୁଣି କି ଦୁର୍ଘଟନା ! ତେଣୁ ଆମ୍ଭମାନଙ୍କର ସଭାପତି ରେଭରଣ୍ଡ ବେନ୍ ସାହେବ ବଡ଼ ଚିନ୍ତାକୁଳ । କ୍ଷଣେ ଭିତରେ—କ୍ଷଣେ ବାହାରେ, ଶେଷରେ ପୁଣି ବରଣ୍ଡାର ଏକପ୍ରାନ୍ତକୁ ଆସି କପିଳ ଚକ୍ଷୁଯୁଗଳରୁ ଦୂରପ୍ରସାରିତ ଦୃଷ୍ଟିରେଖା ଦକ୍ଷିଣଦିଗର ପଥ ଉପରେ ସ୍ଥାପିତ କଲେ । ଲୋକେ ନାନାପ୍ରକାର ତର୍କଣା କରିବାକୁ ଲାଗିଲେ । କେହି କହିଲେ, ସେ ଦିନ ସାହେବଙ୍କ ନିକଟରେ ସତ୍ୟପ୍ରତିଜ୍ଞା କରି ଆସିଥିଲା ପରା ! କେହି କହିଲେ, ଆଜକାଲିକା ଯୁବକଙ୍କୁ ବିଶ୍ୱାସ ନାହିଁ । କେହି ପ୍ରକାଶ କଲେ, ନ ଦୃଷ୍ଟେ ନ ଶ୍ରୁତେ ଏପରି ଲୋକଙ୍କୁ ଏତେ ପ୍ରେମ କରିବା ଉଚିତ

Digitized by srujanika@gmail.com

ହେଲା ନାହିଁ । କେହି କହିବାକୁ ଲାଗିଲେ, ଅହା ! ବେନ ମାମା ତାଙ୍କୁ ସ୍ୱବଠାରୁ ବଳି ସ୍ନେହ କରନ୍ତି । ସେଥିରେ ପୁଣି ଏପରି କପଟ ଆଚରଣ କଲା ! ସମବେତ ଲୋକଙ୍କର ଇତ୍ୟାଦି-ପ୍ରକାର ନାନା ଭାବନା, ସାହେବଙ୍କର ଚିରପ୍ରସାରିତ ଦୃଷ୍ଟି ଏବଂ କନ୍ୟାପକ୍ଷର ଗଭୀର ଚିନ୍ତା ଓ ଉଦ୍ବେଗର ଶେଷଭାଗରେ ହଠାତ୍ ଗୋଟିଏ ଗାଡ଼ି ଦେଖା ଦେଲା । ଏଥିରେ ନିଶ୍ଚୟ ବର ଥିବ, ଜାଣି ପାରି ସେଥି ମଧ୍ୟରୁ କେତେକ ଗିର୍ଜା ଭିତରେ ପ୍ରବେଶ କଲେ । ଦେଖୁଁ ଦେଖୁଁ ସାକ୍ଷାତ୍ ମାତୃରୂପିଣୀ ବେନ୍ ମେମ୍ ସାହେବ ଦରବେଶୀ ମୋହନଙ୍କୁ ଧେନୁ ଫାଟକ ନିକଟରେ ଉପସ୍ଥିତ ହୁଅନ୍ତେ, ସାହେବ ପ୍ରସନ୍ନମନରେ ହାତ ଧରି ଭିତରକୁ ନେଇ ଦକ୍ଷିଣପାର୍ଶ୍ୱର ନିଦିଷ୍ଟ ଆସନରେ କନ୍ୟା ସମ୍ମୁଖରେ ଉପବେଶନ କରାଇଲେ । ଜନମୋହନର ମୁଖ ଅତି ଘୋର ଘୃଣା ଓ ପ୍ରତିହିଂସାରେ ଭ୍ରୂକୁଟି କୁଟିଳ । ସମବେତ ସ୍ତ୍ରୀ ପୁରୁଷ ସ୍ୱ ସ୍ୱ ଆସନରେ ଉପବେଶନ କରନ୍ତେ, ସଭାପତି ରେଭରେଣ୍ଡ ବେନ୍ ସାହେବ ଆସନରୁ ଉଠି ଲୀଲାବତୀ ଏବଂ ଜନମୋହନଙ୍କର ଶୁଭବିବାହର ବାର୍ତ୍ତା ଗୋଟିଏ କ୍ଷୁଦ୍ର ବକ୍ତୃତାରେ ଘୋଷଣା କଲେ । ସାହେବ ଆସନ ଗ୍ରହଣ କରନ୍ତେ, ଯଥାଗୃହୀତ ପ୍ରାପ୍ୟ ପୁରୋହିତ ରେଭରେଣ୍ଡ ଅଲବର୍ଟ ବକ୍ଲ ସାହେବ ଗାତ୍ରୋତ୍ଥାନ କରି ବରକୁ ସମ୍ବୋଧନ କରି କହିଲେ, ଦେଖ ଜନମୋହନ ! ଆଜି ଶ୍ରୀମତୀ ଲୀଲାବତୀ ସାହୁଙ୍କ ସହିତ ତୁମ୍ଭର ବିବାହ ହେବ । ଏହା ଅବଶ୍ୟ ତୁମ୍ଭେ ପୂର୍ବରୁ ଜାଣି-ଅଛ । ଆଜି ଏ ସରଳା ବାଳିକା ସର୍ବସମକ୍ଷରେ ତୁମ୍ଭର ହସ୍ତରେ

Digitized by srujanika@gmail.com

ସମର୍ପିତା । ତୁମ୍ଭେହିଁ ଏହାଙ୍କର ସୁଖ ଦୁଃଖରେ ସହାୟ ହେବ । ତାହାହେଲେ ପ୍ରଭୁ ଯୀଶୁ ତୁମ୍ଭଙ୍କୁ ସହାୟ ହେବେ । ଅଭିଭାଷଣ ସାଙ୍ଗ ହେଲା, କିନ୍ତୁ ଜନମୋହନ ନୀରବଭାବରେ ତଥାବସ୍ଥିତ । ତହୁଁ ସାହେବ ମୁହଁ ଫେରାଇ କନ୍ୟାକୁ ଆହ୍ୱାନ କରି ସେହିପରି କହିଲେ । କନ୍ୟାର ଭକ୍ତିଭରରେ ଉପଦେଶ ଶ୍ରବଣ ଓ ସମ୍ମତିଦାନ ଜାଣି ସାହେବ ପରସ୍ପରକୁ ସୁନାମୁଦି ପିନ୍ଧାଇ ଦେବାକୁ ଆଦେଶ ଦେଲେ । ପୃଷ୍ଠଦେଶରୁ ମେମ ସାହେବଙ୍କ ପ୍ରବର୍ତ୍ତନାରେ ଜନମୋହନ ଲୀଳାର ଏବଂ ଲୀଳାବତୀ ମୋହନର କରାଙ୍ଗୁଳିରେ ମୁଦ୍ରିକା ପିନ୍ଧାଇଦେଲେ । ଅନନ୍ତର ବଡ଼ ସାହେବ ଗୋଟାଏ ମୋଟା କାଗଜରେ ବର କନ୍ୟାଙ୍କର ସ୍ୱାକ୍ଷର ଏବଂ ପଛେ ପଛେ ଉଭୟ ପକ୍ଷର ସାକ୍ଷୀ କେତେ ଜଣ ପ୍ରସିଦ୍ଧ ଖ୍ରୀଷ୍ଟଭକ୍ତଙ୍କର ସ୍ୱାକ୍ଷର କରାଇ ନେଲେ ।

ହେ ଖ୍ରୀଷ୍ଟଶିଷ୍ୟଗଣ ! ତୁମ୍ଭମାନଙ୍କର ଏ ସ୍ୱାକ୍ଷରକରଣରେ କି ଫଳ ଅଛି ? ତୁମ୍ଭେ ଶତ ସ୍ୱାକ୍ଷର କର ବା ନାମ ରେଜଷ୍ଟ୍ରୀ କର ଅଥବା ଯେତେ ଯାହାକୁ ସାକ୍ଷୀ ରଖ, ହୃଦୟରୁ ବଳି ବଡ଼ ସାକ୍ଷୀ କେହି ନାହିଁ । ହିନ୍ଦୁ ଅଗ୍ନିକି ସାକ୍ଷୀ କରି ବା ଧର୍ମକୁ ସାକ୍ଷୀ ରଖି ଯେ ଅପରିହାର୍ଯ୍ୟ ବନ୍ଧନ ଲାଭ କରେ, ତାହା ତୁମ୍ଭର ଏ ପଦ୍ଧତିରେ କେତେଦୂର ଅଛି ? ତୁମ୍ଭେ ମୋହନର ହୃଦୟ ପରୀକ୍ଷା କରିଅଛ ? ବାହାରେ ଯେତେ ବିଧିବିଧାନ ବା ବ୍ୟବସ୍ଥା କର, ତଦ୍ୱାରା ଭିତରର ବନ୍ଧନ ଦୃଢ଼ ହେବ ନାହିଁ । ଅନ୍ତରର କ୍ରିୟାକୁ ବାହାରର ଶାସନରେ ଆୟତ୍ତ ରଖିବା ସମ୍ଭବ କି ? ବରଂ ଏହାଦ୍ୱାରା ସମୟରେ ସତ୍ୟର ଅପଳାପ ହେବ । ପ୍ରକୃ-

Digitized by srujanika@gmail.com

ଜନମାନଙ୍କର ଅବମାନନା ଏବଂ ଧର୍ମଧ୍ୱଜମାନଙ୍କର ପରିଣତି ମଧ୍ୟ ହୋଇ ପାରେ । ଜଗଦୀଶ୍ୱର ହୃଦୟକୁ ସାକ୍ଷୀ କରି ତାହା ଉପରେ ଏ ଭାର ପ୍ରଦାନ କରିବା ଅନ୍ତର ନିଷ୍ଠୁର ଏବଂ ଶୋଚନୀୟ ନୁହେ କି ? ଧର୍ମରେ ଅଧର୍ମର ଆଶଙ୍କା କରି ଏପରି ଲୋକଗଞ୍ଜଣାର ଛଳନା କାହିଁକି ?

ଏହି ଶୁଭକର୍ମ ନିଷ୍ପନ୍ନ ହୁଅନ୍ତେ କେତୋଟି ବାଳିକା ଦଣ୍ଡାୟମାନା ହୋଇ ଏହି ବିବାହମଙ୍ଗଳସଙ୍ଗୀତ ସମସ୍ୱରରେ ଗାନ କଲେ, ମଧ୍ୟେ ମଧ୍ୟେ ଅନ୍ୟ ମହିଳାମାନେ ମଧ୍ୟ ସ୍ୱର ମିଶାଇ ଦେଉଥିଲେ ।

କୃପାନିର୍ଝରଠାରୁ । ବର କନ୍ୟାଙ୍କୁ କରୁଣା ସଦା ଝରୁ ।
ମୃତ୍ୟୁ ବିନା ଏ ଦେନଙ୍କୁ କେ ଭିନ୍ନ ନ କରୁ ।
ଯେଉଁ ପ୍ରଭୁ ସ୍ଥାପିଛନ୍ତି ଏହି ନିୟମ,
ତାଙ୍କ ଆଶୀର୍ବାଦବୃଷ୍ଟି ହେଉ ଉପରୁ । ୧ ।
କନ୍ୟା ବିବାହରେ ଯେ ଥିଲେ ନିମନ୍ତ୍ରିତ,
ତାହାଙ୍କ ପ୍ରସନ୍ନଦୃଷ୍ଟି ହେଉ ଊର୍ଦ୍ଧ୍ୱରୁ । ୨ ।
ଆଜି ଶାନ୍ତିଦାତା ଧର୍ମ-ଆତ୍ମାଙ୍କଠାରୁ
ଶାନ୍ତି ଆନନ୍ଦ ଉଛୁଳି ବେଷ୍ଟନ କରୁ । ୩ ।
ଏ ଦୁଇ ପ୍ରତି କଲ୍ୟାଣ ହେଉ ଉପରୁ,
ଯେଉଣେ ଗଲେ ତେଣେ ତାଙ୍କ କରୁଣା ଘେରୁ । ୪ ।
ଏକାପ୍ରେମେ ଏକାବେଳେ ମନହିଁ ମିଳୁ,
ମୃତ୍ୟୁ ବିନା କେବେ କେହି ଭିନ୍ନ ନ କରୁ । ୫ ।

Digitized by srujanika@gmail.com

ପରିଶେଷରେ ସଭାପତି ଜାନୁପାତପୂର୍ବକ ଗଦ୍ଗଦ କଣ୍ଠରେ ପ୍ରାର୍ଥନା କଲେ ଏବଂ ଉଭା ହୋଇ ଏହି ଅଭିଭାଷଣ କଲେ— “ଆଜି ପ୍ରିୟତମ ଶ୍ରୀମାନ୍ ଜନମୋହନ ଏବଂ ଶ୍ରୀମତୀ ଲୀଳାବତୀଙ୍କର ଶୁଭବିବାହବନ୍ଧନ ହୋଇଗଲା । ପ୍ରଭୁ ଯୀଶୁ ଏମାନଙ୍କୁ ଆଶୀର୍ବାଦ କରିବେ ଆଉ ଏମାନଙ୍କ କଣ୍ଟକମୟ ଜୀବନମାର୍ଗରେ ସହାୟ ହୁଅନ୍ତୁ । ଆଜିଠାରୁ ଲୀଳାବତୀଙ୍କ ନାମ ଶେଷରେ ରକ୍ଷିତ ବଦଳରେ ସ୍ୱାଇନ୍ ବସିବ ଏବଂ ଆଜିଠୁଁ ଏ ଦୁହେଁ ପ୍ରଭୁ ଯୀଶୁଙ୍କର ପୁତ୍ର କନ୍ୟା ହେଲେ । ଆଉ ଏ ଦୁହେଁ ସମସ୍ତଙ୍କ ଆଗରେ ଶପଥ କଲେ ଯେ, କେହି ଜ୍ଞାତସାରରେ କାହାରି ଅନିଷ୍ଟ କରିବେ ନାହିଁ । ଏମାନେ ଗୃହଧର୍ମ ପାଳନ କରି ପରସ୍ପରଙ୍କ ସେବା କରିଲେ ପ୍ରଭୁ ତାଙ୍କର ମଙ୍ଗଳ କରିବେ ।”* ସାହେବ ବକ୍ତୃତାରୁ ନିବୃତ୍ତ ହୁଅନ୍ତେ ପୁନର୍ବାର ସଙ୍ଗୀତ-ଉଚ୍ଛ୍ୱାସ ଉଠିଲା । ଶେଷରେ ବର କନ୍ୟା ଦୁହେଁ ଏକ ଯାନରେ ବସି ନଗର ଭ୍ରମଣ କରି କନ୍ୟା ଗୃହକୁ ପ୍ରସ୍ଥାନ କଲେ ।

---

* ଚତୁର ପାଠକମାନେ—ସାହେବଙ୍କ ଉଚ୍ଚାରଣରେ ଘ ବର୍ଣ୍ଣ ସ୍ଥାନରେ ଝ ବର୍ଣ୍ଣ ଥିବା ବୁଝିନେବେ ।

Digitized by srujanika@gmail.com

## ଦଶମ ପରିଚ୍ଛେଦ ।

### ପ୍ରବାସ ।

ଗଞ୍ଜାମ ଜିଲ୍ଲାରେ ପାର୍ବତୀପୁର ଗୋଟିଏ ଦର୍ଶନୀୟ ସ୍ଥାନ । ନାନା ଜାତି ଏବଂ ନାନା ବ୍ୟବସାୟୀ ଲୋକଙ୍କର ଏଠାରେ ଏକତ୍ର ବାସ ଅଛି । ସାହେବଙ୍କ କୃପାରୁ ଜନମୋହନ ଖଣ୍ଡିଏ ପୁଲିସ ଦାରୋଗା କାମ ପାଇ ଏଠାକୁ ଆସିଅଛନ୍ତି । ବର୍ତ୍ତମାନ ସେ ଶବଜାନର ଭାଷାରେ ବଗୁଲିଆ ଠୋକା କୁହନ୍ତି—ଜଣେ ହୁକୁମଦିଆ ହାକିମ । ଏକେ ତ ସେ କ୍ଷାମଠାରେ ପଶିଗଲେ ଭଲ ଲୋକର ନିଶ୍ୱାସ କଡ଼ା ହୋଇଥାଏ । ମୋହନର ତ ଅନ୍ତର କଡ଼ା ହେବାର କଥା । ତହିଁରେ ପୁଣି ମନର ସ୍ଥିରତା ନାହିଁ—ସର୍ବଦା ଉଦାସୀନ ଭାବ । କାର୍ଯ୍ୟବେଳେ କଣ, କଥାବାର୍ତ୍ତାବେଳେ କଣ, ଅନାସକ୍ତ ଭାବ ଫୁଟି ଜଣା ପଡୁଥାଏ । ମନଭିତରେ ବନରେ ଦନ୍ତାବଳ ପ୍ରାୟ କିଏ ଗୋଟାଏ ଯେହ୍ନେ ପଛି ସବୁ ମନ୍ଥି ପକାଉଅଛି । କ୍ରମେ ବୁଦ୍ଧି ବିନୟ ସୌଜନ୍ୟ ବାଧତାଦି ବୃତ୍ତି ପରାଜୟ ଭଜୁଅଛି । ସର୍ବୋପରି ପ୍ରତିହଂସା ମହାବିକ୍ରମରେ ଜୟଭେରୀ ବଜାଇ ଉଠୁଅଛି । ଜନମୋହନ ବର୍ତ୍ତମାନ ସେହି ପ୍ରତିହଂସାନାମଧାରିଣୀ ଭୈରବୀଙ୍କୁ ଆରାଧନା କରିବାକୁ ବସିଲେଣି । ବେଳେ ବେଳେ ତାହାଙ୍କୁ ଧ୍ୟାନରେ ଜଣାଉଅଛନ୍ତି—'ଦେବି ପ୍ରତିହଂସେ ! ତୁମ୍ଭ ବିନା ଏବେ

Digitized by srujanika@gmail.com

ମୋହର ଅନ୍ୟ ଆଶ୍ରୟ ନାହିଁ । ତୁମ୍ଭେ ସର୍ବଦେବେନ୍ଦ୍ରବନ୍ଦିତା, ନାଗ-ନର-ରକ୍ଷ-ବାନରସେବିତା, ଆର୍ଯ୍ୟ-ଅନାର୍ଯ୍ୟ-ରଜସ୍ୱି-ତେଜସ୍ୱି-ପୂଜିତା । ତୁମ୍ଭଙ୍କୁ ଯେ ସାମାନ୍ୟ ମନେ କରେ, ସେ ନରାଧମ । ତୁମ୍ଭେ ତ୍ରେତାଯୁଗରେ ରାମଚନ୍ଦ୍ରଙ୍କର ସହାୟଭୂତା ହେବାରୁ ରାବଣବଧ ସାଧିତ ହେଲା । ଦ୍ୱାପରରେ ଶକୁନି ତୁମ୍ଭଙ୍କୁ ଆଶ୍ରୟ କରି କୌରବବଂଶର ଧ୍ୱଂସସାଧନଦ୍ୱାରା ଅଭୀଷ୍ଟ ସିଦ୍ଧି ଲାଭ କରିଥିଲା—ଯୁଗେ ଯୁଗେ ଦେଶେ ଦେଶେ ତୁମ୍ଭେ ବୀରପୁରୁଷ-ହୃଦୟରେ ବାସ କରି ବିଜୟଲକ୍ଷ୍ମୀ ପ୍ରଦାନ କରିଅଛ । ସାମାନ୍ୟ ବାନରଯୂଥପତି ତୁମ୍ଭର ଯୋଗେ ସର୍ବସହାୟସମ୍ପନ୍ନ ନରପତିଙ୍କି ନିର୍ବଂଶ କରାଇ ଦାଣ୍ଡ୍ରର ଉଷାସି କରିଥିଲା । ବର୍ତ୍ତମାନ ମୁଁ ତୁମ୍ଭଠାରେ ଶରଣ ପଶିଅଛି । ତୁମ୍ଭର ବଳରେ ଏ ସଙ୍କଟରୁ ପାର ହୋଇ ଇଷ୍ଟଫଳ ଲାଭ କରିବି । ପ୍ରାୟ ୩ ବର୍ଷ ହେଲା କଟକ ଛାଡ଼ିଲିଣି । ଗୃହିଣୀର କୌଣସି ସମ୍ବାଦ ନାହିଁ ।'

ପାଠକଗଣ ! ବର୍ତ୍ତମାନ କଟକ ପେଠନ ସାହିକୁ ଆସି ସେଠା ଖବର ଅନ୍ତର ବୁଝିଯାଉ । ଏଥି ମଧ୍ୟରେ ଗୋଟିଏ ପୁଅ ମଧ୍ୟ ହୋଇଅଛି । ଜ୍ୟେଷ୍ଠ କନକଚନ୍ଦ୍ର ବର୍ଣ୍ଣଶିକ୍ଷା ଆରମ୍ଭ କଲାଣି । ନବଜାତ ଶିଶୁଟିର ନାମ ଫିଲିପ ବାବୁ ଜନ୍ ସାମସେନଚନ୍ଦ୍ର ଦେଇଅଛନ୍ତି । ନବ ପୁଅ ହେବା ପରେ ଯେତେ ପତ୍ରଦେଲେ ସୁଦ୍ଧା ପ୍ରବାସୀ ପିତାଙ୍କଠାରୁ କୌଣସି ଉତ୍ତର ନାହିଁ । ଫିଲିପ ବାବୁଙ୍କ କୁଟୁମ୍ବ ଏବଂ ଖ୍ରୀଷ୍ଟମଣ୍ଡଳୀ ମଧ୍ୟରେ ମହାଚିନ୍ତାର ଚହଳ ପଡ଼ିଗଲା । ଲିଲିର ପାଣ୍ଡୁର ଗଣ୍ଡ ଅମଣ୍ଡନ ରହିଲା । କଣ ପ୍ରତିକାର କରିବାକୁ ହେବ, ଆଗାମୀ ବୈଠକରେ ଠିକ କରିବାର

Digitized by srujanika@gmail.com

କଥା ହେଲା; ମାତ୍ର ବୈଠକଯାଏ କଥା ଗଲା ନାହିଁ । ହଠାତ୍ ଦିନେ ଜନମୋହନ ବାବୁ ପିଠନସାହିରେ ଉପସ୍ଥିତ ହେଲେ । ସଙ୍ଗେ ଅବା ଲଲିର କପାଳ ଫିଟିଲା । ସେହି ଦିନ ଗାଡ଼ିରେ ପୁତ୍ରକଳତ୍ର ସମଭିବ୍ୟାହାରରେ ଅମ୍ଭର ଦାରୋଗା ବାବୁ ପାବଗମ୍ବର ଅଭିମୁଖରେ ଯାତ୍ରା କଲେ । ଏବେ ପ୍ରବାସରେ ଲଲିର ସ୍ୱାମୀସହବାସରେ ହର୍ଷ କି ବିଷାଦ, ତାହା ଚତୁର ପାଠକମାନେ ବିଚାର କରିବେ । ପାଶରେ ଦୁଃଖ ସୁଖ ପଦେ କହିବାକୁ ସୁଦ୍ଧା ଜଣେ କେହି ନାହିଁ । ଏକମାତ୍ର ଯେ ସକଳ ଦୁଃଖ ଦୂର କରି ପାରନ୍ତେ, ତାଙ୍କର ମତି ଗତି ଭିନ୍ନପ୍ରକାର । ସେ ଦେଖି ସୁଦ୍ଧା ଦେଖୁ ନାହାନ୍ତି, କି ଶୁଣିଲେ ସୁଦ୍ଧା ଶୁଣୁ ନାହାନ୍ତି । ସର୍ବଦା ତାଙ୍କର ଦୂରରେ ଅବସ୍ଥାନ—ନିତି ନିତି ଅମ୍ଭଗୋପନ—ପ୍ରତ୍ୟହ ରକ୍ତଚକ୍ଷୁ ଏବଂ ଅଳ୍ପ ଅଳ୍ପ କଥା ! ଏ କଣ ଦାରୋଗାଗିରିର ଲକ୍ଷଣ, ନା ଆଉ କିଛି ? ଦାରୋଗା ହେଲେ କଣ ପୁତ୍ରସ୍ନେହ ସୁଦ୍ଧା ଲୋକ ଭୁଲିଯାଏ । ଏ କି ପରିବର୍ତ୍ତନ ! ତେଣୁ ଗୃହିଣୀ ଅନୁକ୍ଷଣ ଶଙ୍କିତା । ତଥାପି କଳ-ଯନ୍ତ୍ର ପରି ନୀରବଭାବରେ ପତିସେବାରତା ।

ଲଲି ! ତୁମ୍ଭେ ଆଉ କି ଚିନ୍ତା କରୁଅଛ ? ତୁମ୍ଭର ପ୍ରିୟତମଙ୍କର ମନ ପଶ ଧରି ପାରୁ ନାହିଁ ? ତୁମ୍ଭର ଭବିଷ୍ୟତ୍ ବିଷମ ସମସ୍ୟାମୟ । ତୁମ୍ଭ ମସ୍ତକ ଉପରେ ଏବେ ବିଷଧର ଫଣୀ ଗର୍ଜନ କରୁଅଛି । ତାହାର ଔଷଧ କାହିଁ ଯାଇଁ ସୁଦୂର ହିମାଳୟଶିଖରରେ । ତୁମ୍ଭେ ଚନ୍ଦନଭ୍ରମରେ ଗୋଟିଏ ବିଷଦ୍ରୁମ

Digitized by srujanika@gmail.com

ଆଶ୍ରୟ କରିଅଛ ! ପୁଷ୍ପମାଳା ଭ୍ରମରେ ସର୍ପକୁ ଗଳାରେ ଲମ୍ବାଇ-ଅଛ । ମର୍କଟ ହସ୍ତରେ ବହୁମୂଲ୍ୟ ମଣି । ହା ହତଭାଗିନି ! କି ଷଣ୍ଢାପରେ କାହା ହସ୍ତରେ ହଠାତ୍ ଆତ୍ମସମର୍ପଣ କଲ ? ହା ଅପରିଣାମଦର୍ଶିନି ! ପରିଣାମ ନ ଭାବି ଆପାତମଧୁର ପଦାର୍ଥରେ ହଠାତ୍ ଭୁଲିଗଲ ! ସେ ଦୁଃସାହସର ବିଷମୟ ଫଳ ଅବଶ୍ୟ ଦିନେ ଫଳିବ ! ତୁମ୍ଭେ ଜାଣିଛ କି ବର୍ତ୍ତମାନ ସ୍ୱାମୀ ଭ୍ରମରେ ଗୋଟିଏ ରାକ୍ଷସର ହସ୍ତଗତା ? ଏ କୁଟିଳ ସଂସାରରେ ତୁମ୍ଭର-ଦର୍ଶିତ ସରଳତାର ଯଥାର୍ଥ ବିଚାର ହେବ ନାହିଁ । ତାହାର ବିଚାର ଦୟାମୟ ପ୍ରଭୁ ପରମେଶ୍ୱରଙ୍କ ହସ୍ତରେ—ତାଙ୍କର ଆଶ୍ରୟ ଭିନ୍ନ ଆଉ ତୁମ୍ଭର ରକ୍ଷା ନାହିଁ ।

ଦୁଇ ତିନି ଦିନ ହେଲା ଦାରୋଗା ବାବୁ ମଫସଲ ଗସ୍ତରେ ବାହାରି ଯାଇଥିବାରୁ ଆଜି ଘରେ ଶାନ୍ତି ବିରାଜ କରୁଅଛି । ଗୃହିଣୀ ଏକାକିନୀ ବସି ଆପଣାର କଥା ଭାବୁଅଛନ୍ତି—ଏମନ୍ତ ସମୟରେ ଡାକବାଲା ଡାକ ଆଣି ଖଣ୍ଡିଏ ଘରେଇ ଚିଠି ଦେଇ-ଗଲା । ସମୟ ଏବଂ ସୁଯୋଗ ପାଇ ଲଳି ପତ୍ରଖଣ୍ଡିକର ଆବରଣ ପୁନଃ ପୁନଃ ନିରୀକ୍ଷଣ କରି ଦେଖିଲେ ଯେ, ତାହା କୌଣସି ଆତ୍ମୀୟ ସ୍ୱଜନଙ୍କର ଲେଖା ନୁହେ । ଅପରିଚିତ ବ୍ୟକ୍ତିର ଅକ୍ଷର, ବିଶେଷତଃ କୌଣସି ସ୍ତ୍ରୀ ହାତର ଲେଖା ପରି ଜଣା ପଡ଼ିବାରୁ ମନରେ ସନ୍ଦେହ ହେଲା । କ୍ଷଣକାଳ ଏଣେତେଣେ ହୋଇ ଶେଷରେ ଏକ ସାହସରେ ଫିଟାଇ ଦେଖିଲେ ଯେ—ପତ୍ରର ଶୀର୍ଷଦେଶରେ ଗୋଟିଏ ଶୁକମୁଖରେ ଦୁଇଟି ପଂକ୍ତି ପଦ୍ୟରେ ଲେଖା ଅଛି ।

Digitized by srujanika@gmail.com

"ଉଡିଯା ରେ ଶୁକବର ଭେଟିବୁ ବନ୍ଧୁଙ୍କୁ,
ଭକ୍ତ୍ୟତ୍ରରେ ଫୁଲାଇବୁ ମୋ ପ୍ରେମସିନ୍ଧୁକୁ ।"

ଏହାକୁ ପଢ଼ି ସନ୍ଦେହ ବଢନ୍ତେ ଲଲ୍ଲ ସମସ୍ତ ପତ୍ରଟି ଜଗି ଜଗି ପଢ଼ି ଚମକ୍କାପଡଲେ ଏବଂ ଦେଖିଲେ "ଭିଦ୍ୟତେ ହୃଦୟଗ୍ରନ୍ଥି-ଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।" ପତ୍ନୀ ପତ୍ରଖଣ୍ଡିକ ଅତି ଯତ୍ନରେ ଗୋପନରେ ରଖି ପତିଙ୍କର ଆଗମନ ପ୍ରତୀକ୍ଷା କରି ରହିଲେ । ପତ୍ରଟା ଶୁଣିବାପାଇଁ ଅନେକ ପାଠକ ବଡ ବ୍ୟଗ୍ର ହେବେଣି—ଅତଏବତଃ ସେମାନଙ୍କ ଉତ୍କଣ୍ଠା ନିବାରଣପାଇଁ ତାହା ଏଠାରେ ପଢ଼ି ଶୁଣାଇ ଦେଉଅଛୁଁ ।

ମୋହର ପ୍ରିୟ ବନ୍ଧୁ,

ପ୍ରଭୁଙ୍କର ନାମ ସ୍ମରଣ କରି ଲେଖୁଅଛି । ତୁମ୍ଭର ସବୁ ପତ୍ର ପାଇ ବଡ଼ ସୁଖିନୀ ଅଛି । ଦୂରତା ହେତୁରୁ ମୁଁ ତୁମ୍ଭଙ୍କୁ ମନର କଥାମାନ ଜଣାଇ ପାରୁନାହିଁ । ତୁମ୍ଭେ ମୋତେ ଏତେ ସନ୍ଦେହ କରୁଛ, କିନ୍ତୁ ମୁଁ ତୁମ୍ଭଙ୍କୁ ଯେମନ୍ତ ପ୍ରେମ କରେଁ, ତାହା ଏଥିରେ ଲେଖି କିପରି ହେବ ? ତୁମ୍ଭର ଯେପରି କଷ୍ଟ ଅଛି, ସେଥିରେ ତୁମ୍ଭେ କଷ୍ଟ କରି ପାରିବ ନାହିଁ । ମୁଁ ଜାଣୁଅଛି, ତୁମ୍ଭେ ବାଧ୍ୟରେ ପଡ଼ି ଯାଇଅଛ । ବର୍ତ୍ତମାନ ତୁମ୍ଭର ଭିନ୍ନ ହେବାର ଉପାୟ ନାହିଁ । ସେ ଯାହାହେଉ, ଏ ଅଧୀନା ଯେତପରି ପ୍ରେମ ରଖିଅଛି । ନିର୍ଦ୍ଦୟ ହେବ ନାହିଁ ।

ମୁଁ ତୁମ୍ଭର ପ୍ରେମାଧୀନା

ଶ୍ରୀମତୀ—

Digitized by srujanika@gmail.com

ପ୍ରିୟ ପାଠକେ ! ପତ୍ର ଖଣ୍ଡି କେଉଁଠାରୁ ଆସିଲା, ଏଥିରୁ ଜଣା ପଡ଼ୁ ନାହିଁ । ଉପରେ ଡାକ ମୋହର ଦେଖି ଜଣାଗଲା, ତାହା ବାଲେଶ୍ୱର ଜିଲ୍ଲାର କୌଣସି ପ୍ରସିଦ୍ଧ ସ୍ଥାନରୁ ଆସିଅଛି ।

## ଏକାଦଶ ପରିଚ୍ଛେଦ ।

### ସିଦ୍ଧାନ୍ତ ।

'ଅହୋ ! ସଂସାର କି ବିଷମ ! କି ଘୋର ଜଞ୍ଜାଳମୟ ! କାଳର କି କୁଟିଳ ଗତି ! ପ୍ରେମର କି ଅଦ୍ଭୁତ ପରିଣାମ ! ଆଶାର କି ଅପୂର୍ବ କୁହକ ! ସମାଜର କି ଅଭେଦ୍ୟ କପଟତା ! ଦୈବର କି ଭୀଷଣ ପ୍ରତିବନ୍ଧକ ! ଯେ ଯାହା ଚାହେଁ, ତାହା ପାଏ ନାହିଁ । ସଂସାରରେ ସବୁ ଦୈବାଧୀନ ବୋଲି କହିଥାନ୍ତି । ଦେଖାଯାଉ ମୋହର ମନର ଗତି କିଏ ରୋଧିବ ? ଦୈବକୁ ଅପେକ୍ଷା କରିବା କାପୁରୁଷର କର୍ମ । ଆଉ କାଳ ବିଳମ୍ବ କରିବି ନାହିଁ । ପ୍ରତିହିଂସାର ଏ ଉପଯୁକ୍ତ ସମୟ । ରହସ୍ୟ ପ୍ରକାଶ ପାଇ ନ ଥିବାରୁ ଏତେଦିନଯାଏ ଭାବନାରେ କାଳକ୍ଷେପଣ

Digitized by srujanika@gmail.com

କରୁଥିଲି । ଏଣିକି କାର୍ଯ୍ୟନାଶର ସମ୍ଭାବନା । ସୁତରାଂ 'ଶୁଭସ୍ୟ ଶୀଘ୍ରଂ' ବିଧି ମାନି ପ୍ରତିଜ୍ଞା ପାଳନ କରିବାକୁ ହେବ ।' ଏହିପରି ନାନା କଥା ଭାବି ଜନମୋହନ ବାବୁ ଏକ ସେବାନ୍ତରେ ଆସି ଉପସ୍ଥିତ ହେଲେ । କାର୍ଯ୍ୟର ଅନୁଷ୍ଠାନ ପୂର୍ବେ ତାଙ୍କ କଥାରେ ପତ୍ନୀଙ୍କ ବିଶ୍ୱାସ ଜନ୍ମିବା ଏକାନ୍ତ ଆବଶ୍ୟକ । ପାଠକେ ! ଏତେବେଳେ ପ୍ରାଣପତି ବିବାହିତା ପତ୍ନୀଙ୍କର ଚିତ୍ତରଞ୍ଜନ କରିବାକୁ ମନଃସ୍ଥ କରୁଅଛନ୍ତି !

ପତିଙ୍କ ମନୋଭାବର ପରିବର୍ତ୍ତନ ଦେଖି ସରଳା ଲୀଳାବତୀ ସନ୍ଦେହର ଯଥେଷ୍ଟ କାରଣ ସତ୍ତ୍ୱେ ଅନ୍ତରରେ ଆନନ୍ଦ ଅନୁଭବ କରିବାକୁ ଲାଗିଲେ । ଆନନ୍ଦର ମାତ୍ରା ଯେତିକି ବଢ଼ିବାକୁ ଲାଗିଲା, ସେତିକି ସେ ସଂଶୟ ବା ଅବିଶ୍ୱାସ ମହାସିନ୍ଧୁରେ ପୋତବତ୍ ନିମଗ୍ନ ହେବାକୁ ଲାଗିଲେ । ପୋତ ମଗ୍ନ ହେଲେ ପୋତଯାତ୍ରୀର ପରିଣାମ ଯାହା ହୋଇଥାଏ, ଏଠାରେ ଲୀଳାଙ୍କର ତାହାହିଁ ହେବା ଧ୍ରୁବ । ସେ ପତିଙ୍କର ଅପ୍ରତ୍ୟାଶିତ ମଧୁର ବ୍ୟବହାରରେ ମୁଗ୍ଧ ହୋଇ ପୂର୍ବ ଭାବର ବିସ୍ମରଣ ସଙ୍ଗେ ହିତାହିତବିଚାରଶୂନ୍ୟା ହୋଇ ପଡ଼ିଲେ । ପ୍ରିୟଭାଷୀ ସ୍ୱାମୀ ଦିନେ ପ୍ରିୟତମାଙ୍କ ନିକଟରେ ପ୍ରସ୍ତାବ କଲେ—'ଦେଖ ଲୀଳା ! ଆସିଲା ଦିନୁ ତୁମ୍ଭଙ୍କୁ ସମୁଦ୍ର ଦେଖାଇବ ଦେଖାଇବ ବୋଲି ଆଶା ଦେଇ ଆଜଯାଏ ପାରି ନାହିଁ । ବେବି (କନିଷ୍ଠ ପୁତ୍ରର ଡାକ ନାମ) ଅଳ୍ପ ସାନ ଥିବାରୁ ବୁଲି ଯିବାର ସୁବିଧା ହୋଇ ନ ଥିଲା । ଅତ୍ର ମଧ୍ୟ ଏ ପୁଲିସ କାର୍ଯ୍ୟରେ ପଶିଲେ ଆଉ ଅବସର ମିଳେ ନାହିଁ । ଆସନ୍ତା ଗୁଡ଼ ଫ୍ରାଇଡେ ଛୁଟିରେ ତୁମ୍ଭଙ୍କୁ

Digitized by srujanika@gmail.com

ନେଇଯିବାର ସ୍ଥିର କରିଅଛୁ । ଚନ୍ଦ୍ରପାଟଣାଠାରେ ସମୁଦ୍ର-କୂଳରେ ଗୋଟିଏ ସୁନ୍ଦର କୋଠି ଅଛି । ସେହିଠାରେ ଦୁଇ ଦିନ ରହି ଏ ବର୍ଷ ଉତ୍ସବଟା ଭଲକରି କଟାଇବା ।’ ଲିଲି ମହୋଲ୍ଲାସରେ ‘ତଥାସ୍ତୁ’ କହିବାରୁ ଏହି ପ୍ରସ୍ତାବ ନିର୍ଦ୍ଧାରିତ ହେଲା ।

ସଂସାରଟା କି ଛଳନାମୟ ! ଯୁଗେ ଯୁଗେ କେତେ ପ୍ରତାରଣା ଓ ପ୍ରଲୋଭନର ଅଭିନୟ ଏ ଭୂପୃଷ୍ଠରେ ହୋଇ ଯାଉଅଛି । ପ୍ରଜାରଞ୍ଜନବ୍ରତୀ ରାମଚନ୍ଦ୍ର ସୀତାଦେବୀଙ୍କୁ ଭୁଲାଇ ପୂର୍ବବାଞ୍ଛିତ ଜାହ୍ନବୀତୀରରେ ଭ୍ରମଣ କରିବାପାଇଁ ରଥରେ ପଠାଇ ଦେଇଥିଲେ । ଏହା କଣ ସେହି ଜାତୀୟ ପ୍ରଲୋଭନ ? ନା ତତୋଽଧିକ ! ଏହା କେବଳ ଯେ ଏହିଠାରେ ଦେଖାଗଲା, ତାହା ନୁହେ; ଲୋକ ମଧ୍ୟରେ ଏହା କେବେ ପ୍ରବଞ୍ଚନାରୂପେ—କେତେବେଳେ ଜିଗୀଷାବୃତ୍ତିରୂପେ— କେବେ ବା କପଟତା ବା ସ୍ୱାର୍ଥସିଦ୍ଧି ରୂପରେ ନାନା ଭାବରେ ସଞ୍ଚରଣ କରୁଅଛି । କେବଳ ମନୁଷ୍ୟ ମଧ୍ୟରେ କାହିଁ କି, ପଶୁ ପକ୍ଷୀ କୀଟ ପତଙ୍ଗ ସମାଜରେ ମଧ୍ୟ ଅନୁସନ୍ଧାନ କଲେ ଦେଖିବ, ଏହି ବୃତ୍ତି ବରାବର ରହିଅଛି । ଉଦ୍ଭିଦ ମଧ୍ୟରେ ସୁଦ୍ଧା ଏହା ଦେଖାଯିବ । ଏକ ସ୍ୱାର୍ଥସିଦ୍ଧି ଲାଗି ଅନ୍ୟର ସର୍ବନାଶ କରୁଅଛି ! ‘ଏକସ୍ୟ କ୍ଷଣିକା ପ୍ରୀତିଃ ଅନ୍ୟଃ ପ୍ରାଣୈ ର୍ବିମୁଚ୍ୟତେ ।’ ସଂସାରରେ ଏହାର ଭୂରି ଭୂରି ଦୃଷ୍ଟାନ୍ତ ଦେଖି ମହାଭାରତରେ କବି ଠାଏ କହିଅଛନ୍ତି— ‘ଜୀବୋଜୀବସ୍ୟ ଜୀବନଂ’ ।

Digitized by srujanika@gmail.com

ଆଲୋଚନା କଲେ ଦେଖାଯାଏ, ସଂସାରର ପ୍ରତ୍ୟେକ ବିଷୟର ଆଦି ଅନ୍ତ ଏକା ପରି ନୁହେଁ । ତେଣୁ 'ଚିରଦିନ ସମାନ ନ ଯାଏ' କଥାଟା ଲୋକମୁଖରୁ ସବୁ କାଳେ ବାହାରିଥାଏ । ଯାହାକୁ ଦେଖିଲୁଁ କୋମଳ—ତାହାର ପରିଣାମ କଠୋର । ମଧୁରର ପରିଣାମ ତିକ୍ତ । ଅସମ୍ଭାବିତ ମଧୁର ଭାବ ଅବଶ୍ୟମ୍ଭାବୀ ବିଧୁର ଭାବର ସୂଚନା କରେ । ଜନମୋହନର ଏ ଅତିଭକ୍ତି ଚୋରର ଲକ୍ଷଣ ନୁହେଁ ତ ?

## ଦ୍ୱାଦଶ ପରିଚ୍ଛେଦ ।

### ସମୁଦ୍ର କୂଳ—ପ୍ରତିହିଂସା ।

ବର୍ତ୍ତମାନ ନିଶା ଅବସାନ ପ୍ରାୟ । ଦେଖୁ ଦେଖୁ ସାଗରପୃଷ୍ଠ ଉପରେ ପୂର୍ବାକାଶ ହଠାତ୍ ରକ୍ତରଞ୍ଜିତ ହୋଇଗଲା ଏବଂ ପରେ ପରେ ମହାମାଣିକ୍ୟର ପ୍ରବାହ ଯେପରି ଊର୍ଦ୍ଧ୍ୱମୁଖରେ ଉଚ୍ଛୁଳି ପଡ଼ିଲା । ଜନମୋହନ ବାରଣ୍ଡାରେ ବସି ପ୍ରିୟତମାକୁ ଏହି ଅପୂର୍ବ ଦୃଶ୍ୟ ଦେଖାଇବାକୁ ଲାଗିଲେ । ଲୀଳାବତୀ ଦେଖିଲେ, ଏକ ବିଶାଳ ବର୍ତ୍ତୁଳାକାର ଅରୁଣଜ୍ୟୋତି ସମୁଦ୍ରର ସ୍ତବ୍ଧତାର

Digitized by srujanika@gmail.com

ଅଗାଧ ସଲିଳଗର୍ଭ ଭେଦ କରି ଅର୍କୋଦିତ ହେଲା ଏବଂ ତାହାର ଅରୁଣିମାରେ ସାଗର ରକ୍ତମୟ ହୋଇଗଲା ପରି ଜଣାଗଲା । କ୍ଷଣକ ପରେ ସେହି ବିଶାଳ ରକ୍ତଗୋଲକ ଜଳ-ଆସ୍ତରଣରୁ କିଞ୍ଚିତ୍ ପୃଥକ ହୋଇ ଊର୍ଦ୍ଧ୍ୱ ଆକାଶରେ ଶୋଭା ବିସ୍ତାର କଲା । ଧୀରେ ଧୀରେ ସ୍ଥିର ସମୁଦ୍ର ବକ୍ଷରେ ଲଘୁଲହରୀ-ଲୀଳା ସ୍ତରେ ସ୍ତରେ ଦେଖା ଦେଲା । ପ୍ରତି ତରଙ୍ଗ ସେହି ରଙ୍ଗରେ ରଞ୍ଜିତ ହୋଇ କୂଳଯାଏ ଢଳ ଢଳ ଦିଶି ଆସିବାକୁ ଲାଗିଲା । ଜ୍ୟେଷ୍ଠ ଶିଶୁଟି ହଠାତ୍ ତର୍ଜନୀ ନିର୍ଦ୍ଦେଶ କରି ପଚାରିଲା—ଏ ଗୋଟାଏ ଶଗଡ଼ ଚକ ପରି କଣ ଲାଲ ଦିଶୁଛି ? ବାସ୍ତବରେ ସେ କେହି କେବେ ଏପରି ସୂର୍ଯ୍ୟୋଦୟ ଦେଖି ନାହାନ୍ତି । ସମସ୍ତଙ୍କର ଦୃଷ୍ଟି ସେହି ରକ୍ତଗୋଲକ ଉପରେ, ତେଣୁ ଜନମୋହନଙ୍କର ଦୁଇ ରକ୍ତଚକ୍ଷୁଗୋଲକ ପ୍ରତି ତେତେବେଳେ କାହାରି ଦୃଷ୍ଟି ପଡ଼ିଲା ନାହିଁ । ବାବୁ ମଧ୍ୟ ଦୃଶ୍ୟର ଆଲୋଚନା ଅବସରରେ ବଡ଼ ଚମତ୍କୃତ ଦେଖା ପଡ଼ୁ-ଥିଲେ । ଦେଖୁ ଦେଖୁ ହଠାତ୍ ଭାବାବେଗରେ କହି ଉଠିଲେ, ଲିଲି, ଚାଲ ପିଲାଙ୍କୁ ଘେନି ଯିବା, ଏହି ଡକ୍ (ପୋତାଶ୍ରୟ ସେତୁ) ଉପରେ ଠିଆ ହୋଇ ଦେଖିବା । ଆଜି ପରି ଗୋଟିଏ ସକାଳ କେବେ ହେଲେ ଦେଖିଛ କି ? ଆଜି ପୁଣି ପଡ଼ିଲା, ପିଲାମାନଙ୍କର ଗୋଟିଏ ପ୍ରଧାନ ପର୍ବଦିନ । ଉତ୍ସବ ପାଳନ କରିବାକୁ ହେବ । ଲିଲି କିଞ୍ଚିତ୍ ବିସ୍ମୟରେ ପଚାରିଲେ—"କି ଉତ୍ସବ ?"

ଜନ—ତୁମ୍ଭେ ଜାଣ ନାହିଁ । ଆଜ ପରା ଏପ୍ରିଲ ଫୁଲ ଦିନ—ଆଜ ବନ୍ଧୁମାନେ ଅବାଧରେ କେତେ ମଧୁର ଖେଳ ଖେଳନ୍ତି ।

ଏହା କହୁଁ କହୁଁ ସେ ଆସନରୁ ଉଠି ଜ୍ୟେଷ୍ଠପୁତ୍ରର ହାତ ଧରି ସେଆଡ଼କୁ ଅଗ୍ରସର ହେଲେ । କନିଷ୍ଠ ଜନନୀର ଅଙ୍କାସନରେ ଥାଇ ସେଠାକୁ ପଛେ ପଛେ ନୀତ ହେଲା । ତଟର ବାଡ଼କୁ ଆଉଜି ଲଳି କେତେବେଳେ ସୂର୍ଯ୍ୟୋଦୟର ଦୃଶ୍ୟ—କେବେ ଆକାଶର ଦୃଶ୍ୟ—କେବେ ବା ଆକାଶ ସାଗର ମିଳନର ଦୃଶ୍ୟ—କେବେ ସମୁଦ୍ରଲହରୀର—କେବେ ବା ଭାସମାନ କ୍ଷୁଦ୍ରପୋତର ଦୃଶ୍ୟ ଏବଂ ବେଳେ ବେଳେ ତରଙ୍ଗୋତ୍ଥିତ ଜଳଜନ୍ତୁର ଦୃଶ୍ୟ ଦେଖିବାକୁ ଲାଗିଲେ । ମାତ୍ର ଜଙ୍ଘାଂସୁ ଜନମୋହନ କେବଳ ପତ୍ନୀର ଇଙ୍ଗିତ, ମନର ଗତି ଲଳନା କରି ଭିନ୍ନ ଦୃଶ୍ୟ ଦେଖୁଥିଲେ । ଶେଷକାଳରେ ସେହି ସବାଳବତ୍ସା ଜନନୀ ଅଧୋବଦନରେ ସମୁଦ୍ରପୃଷ୍ଠରେ ସ୍ଥିର ଦୃଷ୍ଟି ନିକ୍ଷେପ କରି ଦେଖିଲେ ଯେ ତରଙ୍ଗ ଉପରେ ତରଙ୍ଗମାନ ଆସି ସେହିଠାରେ ଚୂର୍ଣ୍ଣିତମସ୍ତକ ହୋଇ ଶୁଭ୍ରଶୀକର ମୁକ୍ତାବଳୀ ପ୍ରକ୍ଷେପ କରୁଅଛନ୍ତି । ଦେଖୁ ଦେଖୁ ଅତି ତୁଙ୍ଗ ତରଙ୍ଗମାନ ସେଠାରେ ବିଲମ୍ବ ପ୍ରାପ୍ତ ହେଉଅଛନ୍ତି । ସେହି ଅକୂଳ ତରଙ୍ଗାୟିତ ବକ୍ଷରେ ଭାସମାନ କ୍ଷୁଦ୍ରତରୀମାନ କ୍ଷଣେ ନଗ୍ନ—କ୍ଷଣେ ମଗ୍ନ—କ୍ଷଣକେ ପୁଣି ଭଗ୍ନ ଅବସ୍ଥା ଭଜି ପୋତଚାଳକଙ୍କୁ ଆକୁଳିତ କରୁଅଛନ୍ତି । ଲଳି ଭାଳିବାକୁ ଲାଗିଲେ, ଭବସିନ୍ଧୁ ଏହିପରି ଭୟଙ୍କର ସିନା ! ଦୃଶ୍ୟ ନିରୀକ୍ଷଣ କରୁ କରୁ ତାହାଙ୍କର

Digitized by srujanika@gmail.com

ବାହ୍ୟଜ୍ଞାନ କ୍ରମଶଃ ଅପହୃତ ହେବାକୁ ବସିଲା । ନିଷ୍ଠୁର ନିର୍ମମ ଜନମୋହନ ବେଳକାଳ ଜାଣି ଆପଣାର ଚିର ଅଭିପ୍ସିତ କର୍ମ ସମ୍ପାଦନରେ ଅଗ୍ରସର ହେଲେ । ଏଥି ମଧ୍ୟରେ ଥରେ ଦିଥର ଉଦ୍ୟତ ହୋଇ ପୁଣି ହସ୍ତ ସଙ୍କୁଚିତ କଲେଣି । କିନ୍ତୁ ସେଥି ପ୍ରତି କାହାରି ଦୃଷ୍ଟି ନାହିଁ । ଶେଷରେ ସିଦ୍ଧାନ୍ତ ହେଲା, ଆଉ ବିଳମ୍ବ କାହିଁକି ? ଏହାର ଅଚିର ମରଣରେ ତ ନାଗରିକଙ୍କର ହେବ ! କ୍ରୀଡ଼ା ଛଳନାରେ ଯାହା କରାଯାଏ, ତାହା ତ ନୃଶଂସ କର୍ମ ନୁହେ ! ହଠାତ୍ ସେହି ନିସ୍ତବ୍ଧ ଭାବ ମଧ୍ୟରେ ଜିଘାଂସୁ ସ୍ୱାମୀ କହି ପକାଇଲେ—ଦେଖ ଲଳି ! ମୁଁ ତୁମ୍ଭ ସଙ୍ଗରେ ଏପ୍ରିଲ ଫୁଲ ଖେଳିଲି ! କହି ତାହାର ନିତମ୍ବଦେଶରେ ହାତ ଦେଇ ସେତୁପୃଷ୍ଠରୁ ପାଦ ଦୁଇଟିକୁ ଉଠାଇ ଦିଅନ୍ତେ ଅଧୋମୁଖରେ ସବତ୍ସା ଜନନୀ ସମୁଦ୍ରରେ ପତିତ ହେଲେ ! ପଡ଼ିବା ମାତ୍ରକେ ଅନ୍ୟମନସ୍କା ଜନନୀର ବକ୍ଷଦେଶରୁ ଶିଶୁଟି ସମୁଦ୍ରଗର୍ଭପାତ୍ ହେଲା । ଲୀଳାବତୀ ଉଦ୍ଧାର ଲାଗି ବ୍ୟାକୁଳ ଭାବରେ ହସ୍ତ ଉତ୍ତୋଳନ କରି ମସ୍ତକ ଦେଖାନ୍ତେ ନିର୍ମମ ସ୍ୱାମୀ ତାହାର ଜୀବନରକ୍ଷାରେ ପ୍ରତିକୂଳ ହୋଇ ପାର୍ଶ୍ୱ ସ୍ଥିତ ବେରୁଦ୍ୟମାନ ଜ୍ୟେଷ୍ଠ ପୁତ୍ରଟିକୁ ମଧ୍ୟ (ତାହାର ପୁନଃ ପୁନଃ କାତର ପ୍ରାର୍ଥନା ନ ମାନି) ଉପରକୁ ନିକ୍ଷେପ କଲେ । ତତକ୍ଷଣାତ୍ ପୁତ୍ରବତ୍ସଳା ମାତା ତାହାକୁ ଆଲିଙ୍ଗନ କରିପକାଇଲେ ସତ୍ୟ, କିନ୍ତୁ ଅଧିକକ୍ଷଣ ନୁହେ । ଜନନୀଙ୍କୁ କ୍ରମଶଃ ମଗ୍ନ ହେବାର ଦେଖି ପୁତ୍ରଟି କୋଳରୁ ବାହାରିଯାଇ କନିଷ୍ଠର ପଥ ଅନୁସରଣ କଲା ଏବଂ କ୍ଷଣକ ପରେ ଅଦୂରରେ ଦେଖାଗଲା, ସମୁଦ୍ର ତରଙ୍ଗ ତାକୁ

Digitized by srujanika@gmail.com

ପକାଇ ଉଠାଇ ଅବଶ ଅବସ୍ଥାରେ ବହନ କରୁଅଛି । ମାତାର କାତର ଆହ୍ୱାନରେ ସେହି ଦିଗରୁ କେତୋଟି ତୀର ଧାବିତ ହେଲା । 'ଯାହାକୁ ରଖିବେ ଅନନ୍ତ, କି କରି ପାରେ ବଳବନ୍ତ ।' ତୀର ନିକଟକୁ ଆସନ୍ତେ ଆପଣାର ଅଭିସନ୍ଧି ବିଫଳ ହୋଇଯିବାର ଦେଖି ଚତୁର ଜନମୋହନ ଉପରୁ ହସ୍ତସଙ୍କେତ କରି ବ୍ୟାକୁଳଭାବରେ କହିବାକୁ ଲାଗିଲେ—ଶୀଘ୍ର ଉଦ୍ଧାର କର, ମୋହର ସ୍ତ୍ରୀଙ୍କର ପ୍ରାଣସଙ୍କଟ ଉପସ୍ଥିତ । ମୂଢ଼ ମାନବ! କାହାକୁ ପ୍ରବଞ୍ଚନା ! ତୁମ୍ଭେ କଣ ଜାଣ ନାହିଁ ଯେ, ତୁମ୍ଭର ଏ ସମସ୍ତ କାର୍ଯ୍ୟ ଜଣେ ଅମୂଳ ଦେଖି ଆସୁଅଛନ୍ତି ? ମନେ ମନେ ତୁମ୍ଭେ ଯେଉଁ ସୁଖସ୍ୱପ୍ନର କଳ୍ପନା କରୁଅଛ, ତାହାର ସିଦ୍ଧି କଣ ତୁମ୍ଭର ଇଚ୍ଛାରେ ଅନୁଷ୍ଠିତ ହୋଇ ପାରେ ? ଜଣେ ସୃଷ୍ଟ ଜୀବ ହୋଇ ଗୋଟିଏ ସୃଷ୍ଟ ପ୍ରାଣିର ବଧ ସାଧନ କରିବାରେ ତୁମ୍ଭର କି ଅଧିକାର ଅଛି ? ତୁମ୍ଭେ କଣ ଜାଣି ନାହିଁ ଯେ, ପ୍ରକୃତି ଯଦି ପ୍ରତିକୂଳ ରୂପ ଧାରଣ କଲେ ତୁମ୍ଭ ପରି ଶତ ଶତ ଲୋକ ନିମେଷକେ ମଧ୍ୟରେ ବିଲୟ ପାଇଯିବେ ? ପିଲାଦିନେ ତୁମ୍ଭେ ଅବଶ୍ୟ ପୁରାଣରେ ଶୁଣିଥିବ, ବାଳକ ପ୍ରହ୍ଲାଦଙ୍କୁ ସର୍ବଦା ମଦଗର୍ବିତ ତାହାର ପିତା ଶତ ଘାତୁକଦ୍ୱାରା ଅଗ୍ନି, ଅସ୍ତ୍ର ଏବଂ ସମୁଦ୍ରରେ ନିକ୍ଷେପ କରି ଏବଂ ମତ୍ତଗଜପଦରେ ଦଳିତ କରି ସୁଦ୍ଧା ସେହି ଜଣଙ୍କ ଯୋଗୁଁ କିଛିହିଁ କରି ପାରି ନ ଥିଲେ ? ତୁମ୍ଭେ ଯେଡ଼େ ସହାୟସମ୍ପନ୍ନ ବଳଶାଳୀ ହୁଅ, ଦୈବରକ୍ଷିତର କଣ କରି ପାରିବ ? ତୁମ୍ଭେ ଶତ ଚେଷ୍ଟା କଲେ ସୁଦ୍ଧା ଦୈବାନୁଗୃହୀତା ଲୀଳାବତୀ କଦାପି ଏ ଜଗତରୁ ଅପସୃତ ହେବ ନାହିଁ । ଭଣ୍ଡ ପାଷଣ୍ଡ !

Digitized by srujanika@gmail.com

ଯେଉଁ ଦୁଇଟି ଶିଶୁ ହଜିଥିଲେ, ସେ କେବଳ ତୁମ୍ଭର ଆତ୍ମା । କେବଳ ଜଳର ଗର୍ଭରେ ଅଦୃଶ୍ୟ ହୋଇଥିଲେ । ଲୀଳାବତୀଠାରୁ ତୁମ୍ଭର ପ୍ରେମ ଅନ୍ତର୍ହିତ ହେବା ସଙ୍ଗେ ସଙ୍ଗେ ସେ ଦୁଇଟି ପ୍ରେମବୀଜ ଲୀଳାମୟୀଙ୍କ ଇଚ୍ଛା ଅନୁସାରେ କେଣେ ଉଭେଇ ଗଲେ । ବର୍ତ୍ତମାନ ତୁମ୍ଭେ ଆପଣାର ପରିଣାମ ଭାବ । 'ଯେ ବା କରିବ ପରେ ମନ୍ଦ, ଅବଶ୍ୟ ବୁଝିବେ ଗୋବିନ୍ଦ ।'

## ତ୍ରୟୋଦଶ ପରିଚ୍ଛେଦ ।

### ଶେଷ ଫଳ ।

ଏ ଧରାଧାମରେ ଦୟା ମାୟା—ଦାନ ଦକ୍ଷିଣା ଏବଂ ହିଂସା ଦ୍ୱେଷାଦ୍ୱେଷର ଅଦୃଶ୍ୟ ଖେଳ ସବୁ ବେଳେ ସୁନ୍ଦରର ଧର୍ମରେ ଚାଲି ଆସୁଅଛନ୍ତି । କିନ୍ତୁ ସେ ସମସ୍ତ କର୍ମର ଫଳାଫଳ ମନୁଷ୍ୟ ନିଜେ ନିଜର ଧରିବାଇରେ ଅଦୃଷ୍ଟରୂପରେ ଭୋଗୁଥାଏ ।

Digitized by srujanika@gmail.com